ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.73, Bhubaneswar Sunday, May 03,2020 | ୨୩ତମ ବର୍ଷ ସଂଖ୍ୟା- ୭୩ ଭୁବନେଶ୍ୱର, ରବିବାର ମଇ ୦୩,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ଦେଶରେ ୩୭,୩୩୬ କରୋନା ପଜିଟିଭ୍

ନୂଆଦିଲ୍ଲୀ , (ପିଏନ)- ସାରା ଦେଶରେ କୋଭିଡ-୧୯ ସଂକ୍ରମିତଙ୍କ ସଂଖ୍ୟା ୩୭,୩୩୬ରେ ପହଂଚିଛି। ବର୍ତମାନ ସୁଦ୍ଧା ମୋଟ ୯୯୫୦ ଜଣ କରୋନା ସଂକ୍ରମିତ ଆରୋଗ୍ୟ ଲାଭ କରିଛନ୍ତି। ଗତ ୨୪ ଘଂଟା ମଧ୍ୟରେ ୧୦୬୧ ଜଣ ବ୍ୟକ୍ତି ଆରୋଗ୍ୟ ଲାଭ କରିଛନ୍ତି। ଆରୋଗ୍ୟ ହାର ୨୬.୬୫ ପ୍ରତିଶତ ରହିଛି । ଦେଶରେ ଗତକାଲି ଅପେକ୍ଷା ୨୨୯୩ଟି ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ମୃତ୍ୟୁ ସଂଖ୍ୟା ୧୨୧୮ରେ ପହଂଚିଛି।

ଏକ ସତର୍କ, ସକ୍ରିୟ ତଥା ବର୍ଗୀକୃତ ମୁକାବିଲା ନୀତିର ଅଂଶବିଶେଷ ସ୍ୱରୂପ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ସହିତ ମିଶି ଭାରତ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାକୁ ନିୟମିତ ଭାବେ ଉଚ୍ଚସ୍ତରରେ ସମୀକ୍ଷା ଏବଂ ଅନୁଧ୍ୟାନ କରାଯାଉଛି।

ଗତକାଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ)ର ଯୁକ୍ତିଯୁକ୍ତ ଉପଯୋଗ ନିମନ୍ତେ ଅତିରିକ୍ତ ଗାଇଡଲାଇନ ଜାରି କରାଯାଇଥିଲା। ପୂର୍ବରୁ 'ବ୍ୟକ୍ତିଗତ ସୁରକ୍ଷା ଉପକରଣର ଯୁକ୍ତିଯୁକ୍ତ ବ୍ୟବହାର' ନିମନ୍ତେ ଜାରି ହୋଇଥିବା ଗାଇଡଲାଇନ ଆଧାରରେ ଏହି ଗାଇଡଲାଇନ ଜାରି ହୋଇଛି।

ଜୁଲାଇ ୧ରୁ ଖୋଲିବ ଇଂଜିନିୟରିଂ କଲେଜ

ଭୁବନେଶ୍ୱର, (ପିଏନ)- ଆସନ୍ତା ଜୁଲାଇ ୧ ତାରିଖରୁ ରାଜ୍ୟରେ ଇଂଜିନିୟରିଂ ଓ ପ୍ରଫେସନାଲ ଏଜୁକେଶନାଲ କଲେଜ ଗୁଡିକ ଖୋଲିବ। ସେହିପରି ଅଗଷ୍ଟ ୧ରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପଠାପଢା ଆରମ୍ଭ ହେବ। ଏନେଇ ଅଲ ଇଣ୍ଡିଆ କାଉନସିଲ୍ ଫର ଟେକ୍ନିକାଲ ଏଜୁକେଶନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଏହା ବ୍ୟତୀତ ସବୁ ବୈଷୟିକ ବିଶ୍ୱବିଦ୍ୟାଳୟ ଲାଗି ସ୍ୱତନ୍ତ୍ର ଗାଇଡଲାଇନ୍ ପ୍ରସ୍ତୁତ କରାଯାଇଛି। କରୋନା ଲାଗି ଶିକ୍ଷାବର୍ଷ ପ୍ରଭାବିତ ହୋଇଥିବା ବେଳେ କିଛି ପରୀକ୍ଷା ବାକି ରହିଛି । ଶେଷ ସେମିଷ୍ଟାର ପରୀକ୍ଷାକୁ ବାଦ୍ ଦେଇ ଅନ୍ୟ ପରୀକ୍ଷା ନକରାଇ ଇଂଟରନାଲ୍ କ୍ଲାସ୍ ଏକଜାମ୍ ପ୍ରଦର୍ଶନକୁ ଦେଖି କ୍ଲାସ୍ ପ୍ରମୋସନ ଦେଇପାରିବେ ବୋଲି ଗାଇଡଲାଇନରେ ଉଲ୍ଲେଖ ରହିଛି । ଏହା ସହିତ ଚଳିତ ବର୍ଷ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକୁ ଫି ବୃଦ୍ଧି ନକରିବା ଲାଗି ମଧ୍ୟ କୁହାଯାଇଛି।

ସୁସ୍ଥ ହେଲେ ଆଉ ଜଣେ କରୋନା ରୋଗୀ

ଭୁବନେଶ୍ୱର, (ପିଏନ)-ରାଜ୍ୟର ଆଉ ଜଣେ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ସୁସ୍ଥ ହୋଇଥିବା ବ୍ୟକ୍ତି ଜଣକ ଭୁବନେଶ୍ୱରର ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏଥିସହ ରାଜ୍ୟରେ ମୋଟ ସୁସ୍ଥ ସଂଖ୍ୟା ୫୬ ହୋଇଛି।

ରାଜ୍ୟରେ କରୋନା ପଜିଟିଭ୍ଙ୍କ ସଂଖ୍ୟା ୧୫୭କୁ ବୃଦ୍ଧି

Coronavirus

ଭୁବନେଶ୍ୱର, (ପିଏନ)-ଗତକାଲି ମଧ୍ୟରାତ୍ରୀ ସୁଦ୍ଧା ରାଜ୍ୟରେ ୩୬,୫୯୩ ଟି କୋଭିଡ୍ - ୧୯ ନମୂନା ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୧୫୭ ଟି ରିପୋର୍ଟ ପଜିଟିଭ୍ ରହିଛି। ରାଜ୍ୟରେ ପଜିଟିଭ୍ ବ୍ୟକ୍ତିଙ୍କ ହାର ରହିଛି ୦.୪୨ ପ୍ରତିଶତ। ବର୍ତମାନ ସୁଦ୍ଧା ୫୭ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ୧୦୦ ଜଣ ସକ୍ରିୟ କରୋନା ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।୧୯୯ ଜଣ ହସ୍ପିଟାଲ୍ ଆଇସୋଲେସନ୍‌ରେ ଅଛନ୍ତି । ବୋଲି ରାଜ୍ୟ ସରକାରଙ୍କ କୋଭିଡ୍ - ୧୯ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀ ସୂଚନା ଦେଇଛନ୍ତି। ଯାଜପୁରଜିଲ୍ଲାରେ ସର୍ବାଧିକ ୪୮ ଜଣ ଓ ଖୋର୍ଦ୍ଧା ଜିଲ୍ଲାରେ ୪୭ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରେ ୨୦ , ଭଦ୍ରକ ରେ ୧୯, ସୁନ୍ଦରଗଡରେ ୧୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀର, କେନ୍ଦ୍ରାପଡା ଓ କଳାହାଣ୍ଡିରେ ୨ ଜଣ ଲେଖାଏଁ ଏବଂ କୋରାପୁଟ , ଝାରସୁଗୁଡା, କେନ୍ଦୁଝର , ଦେବଗଡ , ଢେଙ୍କାନାଳ , କଟକ ଓ ପୁରୀରେ ଜଣେ ଲେଖାଏଁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

କର୍ଣ୍ଣାଟକ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସହ ନବୀନଙ୍କ ଆଲୋଚନା

ଘରକୁ ଫେରିବେ ଉଭୟ ରାଜ୍ୟରେ ରହୁଥିବା ଓଡିଆ

GOVERNMENT

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନ ଭିଡିଓ କନଫରେନ୍ସିଂ ଯୋଗେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍ ୟଦିୟୁରପ୍ପା ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍ .ଜଗନମୋହନ ରେଡ୍ଡୀଙ୍କ ସହ ଉଭୟ ରାଜ୍ୟରେ ଅଟକି ରହିଥିବା ଓଡିଆମାନଙ୍କ ଫେରିବା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଭିଡିଓ କନଫରନ୍ସିଂ ଜରିଆରେ ଯୋଗ ଦେଇଥିଲେ।

ଲକ୍ ଡାଉନ୍ ସମୟରେ ଉଭୟ ରାଜ୍ୟ ସରକାର ସେଠାରେ ରହିଥିବା ଓଡିଆମାନଙ୍କର ଉପଯୁକ୍ତ ଯତ୍ନ ନେଇଥିବାରୁ ଓଡିଶା ମୁଖ୍ୟମନ୍ତ୍ରୀ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଯଙ୍କୁ ଧନ୍ୟବାଦ ଜଣାଇଥିଲେ । ଓଡିଶା ଆସିବାକୁ ଚାହୁଁଥିବା ଓଡିଆ ଲୋକମାନେ ଯେପରି ସୁବିଧାରେ ଫେରି ଆସି ପାରିବେ ସେଥିରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଆଲୋଚନା ସମୟରେ ଉଭୟ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଓ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ସେମାନଙ୍କ ରାଜ୍ୟ ସରକାର ଇତି ମଧ୍ୟରେ ଅନେକ କାର୍ଯ୍ୟ ଆରମ୍ଭ କରିଲେଣି। ତେଣୁ ଯେଉଁମାନେ ଚାହିଁବେ ସେମାନେ ସେଠାରେ ରହି ମଧ୍ୟ କାମ କରିପାରିବେ। ଯେଉଁମାନେ ନିଜ ରାଜ୍ୟକୁ ଫେରିବାକୁ ଚାହାନ୍ତି ସେମାନଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଯେଉଁମାନେ ଓଡିଶା ଫେରିବାକୁ ଆଗ୍ରହୀ ସେମାନଙ୍କୁ ଯେପରି ସେଠାରୁ ଓଡିଶା ସରକାରଙ୍କ ଅନଲାଇନ୍ ପୋର୍ଟାଲ ଓ ରେଜିଷ୍ଟ୍ରେସନ୍ କରିପାରିବେ ସେଥିଲାଗି ସହଯୋଗ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କର୍ଣ୍ଣାଟକ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ଓଡିଶା ଫେରିବାକୁ ଚାହୁଁଥିବା ଓଡିଆ ଲୋକମାନଙ୍କର ସ୍କ୍ରିନିଂ , ରେଜିଷ୍ଟ୍ରେସନ୍ ଓ ଯାତ୍ରା ସମ୍ପର୍କିତ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ପ୍ରୋଟୋକଲ ପ୍ରସ୍ତୁତି ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର. ବାଲକ୍ରିଷ୍ଣନ୍ , ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରବାସୀ ଓଡିଆଙ୍କ ପାଇଁ ରାଜ୍ୟ ସରକାରଙ୍କ ଅପରେସନ୍ ଶୁଭଯାତ୍ରା

ଭୁବନେଶ୍ୱର, (ପିଏନ)- ଅନ୍ୟ ରାଜ୍ୟରେଥିବା ପ୍ରବାସୀ ଓଡ଼ିଆଙ୍କୁ ଘରକୁ ଫେରାଇ ଆଣିବାକୁ ରାଜ୍ୟସରକାର 'ଅପରେସନ୍ ଶୁଭଯାତ୍ରା' ଆରମ୍ଭ କରିଛନ୍ତି। ପ୍ରବାସୀଙ୍କୁ କିଭଳି ଅଣାଯିବ ଓ ଏଠାରେ ନିଜ ପଂଚାୟତରେ ୧୪ ଦିନ କ୍ୱାରେଂଟାଇନରେ ରଖାଯିବ ସେଥିଲାଗି ରାଜ୍ୟସରକାର କରିଥିବା ଯୋଜନାବଦ୍ଧ କାର୍ଯ୍ୟଧାରା ଏବେ ସାରା ଦେଶ ଲାଗି ଉଦାହରଣ ପାଲଟିଛି। ରାଜ୍ୟ ଆଇଟି ଓ ଇଲେକ୍ଟ୍ରୋନିକ୍ସ ସଚିବ ମନୋଜ ମିଶ୍ର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଗତକାଲି କେରଳରୁ ୧୧୫୦ ଜଣ ଓଡ଼ିଆ ଭାଇ-ଭଉଣୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ ଓଡ଼ିଶା ଅଭିମୁଖେ ବାହାରିଛି। ଏହି ଟ୍ରେନ ଆସନ୍ତାକାଲି (ରବିବାର) ସକାଳୁ ଓଡ଼ିଶାରେ ପହଂଚିବ। ଏଥିରେ ରାଜ୍ୟର ୨୩ ଜିଲ୍ଲାର ପ୍ରବାସୀ ଓଡ଼ିଆ ଅଛନ୍ତି। କନ୍ଧମାଳ ଜିଲ୍ଲାର ସର୍ବାଧିକ ୩୮୨ ଜଣ ରହିଛନ୍ତି। କେରଳରୁ ଓଡ଼ିଶା ଆସିଥିବା ସମସ୍ତ ଓଡ଼ିଆଙ୍କର ପରିଚୟ, ସ୍ୱାସ୍ଥ୍ୟ ଅବସ୍ଥା ଓ ଠିକଣା ସଂପର୍କିତ ତଥ୍ୟ ସେଠାକାର ସରକାରଙ୍କ ଟିମ୍ ସଂଗ୍ରହ କରି ପଠାଇ ଦେଇଛନ୍ତି। ଟ୍ରେନ୍ ଓଡ଼ିଶା ଛାଡ଼ିବା ପୂର୍ବରୁ ରାଜ୍ୟ ସରକାରଙ୍କ ପାଖରେ ସେଠାରୁ ଆସୁଥିବା ସମସ୍ତଙ୍କ ତଥ୍ୟ ପହଂଚିଛି। ଏଥିସହ ସମସ୍ତ ପ୍ରବାସୀ ରାଜ୍ୟ ସରକାରଙ୍କ ପୋର୍ଟାଲରେ ପଞ୍ଜିକରଣ କରିଛନ୍ତି। ଫଳରେ ଯାତ୍ରି ଟ୍ରେନରୁ ଓହ୍ଲାଇବା ପରେ ସରକାରୀ ବ୍ୟବସ୍ଥାରେ ନିଜ ପଂଚାୟତରେ ପହଂଚି ପାରିବେ। ଅନ୍ୟରାଜ୍ୟର ଟିମ୍ ଓଡ଼ିଶା ଫେରନ୍ତାଙ୍କ ସ୍ୱାସ୍ଥ୍ୟ ଯାଂଚ କରି ଏକ ନୋ ଅବଜେକସନ୍ ସାର୍ଟିଫିକେଟ୍ ପ୍ରଦାନ କରୁଛି ଏଥିସହ ପ୍ରାଥମିକତା ଭିତିରେ .ଫେରନ୍ତାଙ୍କୁ ଅନୁମତି ଦେଉଛି। ଏହି ମଡେଲ୍ ଏବେ ଅନ୍ୟ ରାଜ୍ୟ ଅନୁସରଣ କରିବେ ବୋଲି ଆଶା କରାଯାଉଛି।

ଶ୍ରୀ ମିଶ୍ର କହିଛନ୍ତି, 'ଅପରେସନ ଶୁଭଯାତ୍ରା'କୁ ଜାତୀୟ ସ୍ତରରେ ଗ୍ରହଣ କରାଯିବାର ମୁଖ୍ୟ କାରଣ ହେଲା ଏହି ଅପରେସନ ପାଇଁ ବ୍ୟାପକ ଯୋଜନା ଓ ସୁଚିନ୍ତିତ ବ୍ୟବସ୍ଥା କରାଯାଇଛି । କେରଳରେ ଥିବା ଓଡ଼ିଆ ଭାଇ-ଭଉଣୀମାନଙ୍କୁ ଆଣିବା ପାଇଁ ୧୨ଟି ଟିମ ଗଠନ କରାଯାଇଥିଲା। ପ୍ରଥମେ କେଉଁମାନେ ଓଡ଼ିଶା ଆସିବାର ଅଛି, ସେଥିପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ୨୩ଟି ଜିଲ୍ଲାର ୧୧୫୦ ଜଣ ପ୍ରବାସୀ ଓଡ଼ିଆଙ୍କୁ ବିଭିନ୍ନ ସ୍ଥାନରୁ ଗାଡ଼ିରେ ରେଳଷ୍ଟେସନ ଅଣାଯାଇଥିଲା। ଷ୍ଟେସନରୁ ଟ୍ରେନ ଛାଡ଼ିବା ପୂର୍ବରୁ ସମସ୍ତ ଯାତ୍ରୀଙ୍କୁ ଖାଦ୍ୟ ଓ ୫ ଲିଟର ପାଣି ଦିଆଯାଇଥିଲା। ପୁଣି ରାତ୍ରୀ ଭୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ମୋଟା ମୋଟି ଭାବେ କହିବାକୁ ଗଲେ ଯାତ୍ରୀମାନଙ୍କୁ ସଂପୂର୍ଣ୍ଣ ଭାବେ ସମ୍ମାନ ଓ ସୁବିଧାର ସହ ଅଣାଯାଉଥିବାରୁ ଏହା ଅନ୍ୟ ରାଜ୍ୟ ପାଇଁ ପ୍ରେରଣା ଯୋଗାଇବ।

ଓଡ଼ିଶାରେ ଟ୍ରେନ ପହଂଚିବା ପରେ ଦକ୍ଷିଣାଂଚଳ ଜିଲ୍ଲାର ଲୋକେ ଗଞ୍ଜାମ ଜିଲ୍ଲାର ଜଗନ୍ନାଥପୁର ଷ୍ଟେସନରେ ଓହ୍ଲାଇବେ। ଅନ୍ୟମାନେ ଖୋର୍ଦ୍ଧା ଜିଲ୍ଲାର ଜଟଣୀସ୍ଥିତ ଖୋର୍ଦ୍ଧାରୋଡ ଷ୍ଟେସନରେ ଓହ୍ଲାଇବେ। ଗନ୍ତବ୍ୟସ୍ଥଳରେ ଓହ୍ଲାଇବା ପରେ ନିଜ ଜିଲ୍ଲାର ଗାଡ଼ିରେ ସେବାନଙ୍କୁ ନିଆଯିବ। ସେଠାରେ ପ୍ରବାସୀଙ୍କୁ ନିଜ ପଂଚାୟତରେ କ୍ୱାରେଂଟାଇନରେ ରଖାଯିବ।

ଏହା ପୂର୍ବରୁ ପ୍ରବାସୀଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଛି। ଅପରେସନ ଶୁଭଯାତ୍ରା ଟ୍ରେନ ଯେତେବେଳେ ଷ୍ଟେସନରେ ପହଂଚିବ, ସେହି ସମୟରେ ସେଠାକୁ ବାହାର ଲୋକ ଯାଇପାରିବେ ନାହିଁ।କେବଳ ରେଳ କର୍ମଚାରୀ ଓ ସରକାରୀ ଅଧିକାରୀ ଓ ପୁଲିସ ଉପସ୍ଥିତ ରହିବେ।

ଅତ୍ୟାବଶ୍ୟକ, ଆଂଶିକ ଅତ୍ୟାବଶ୍ୟକ ବିଭାଗ ତାଲିକା ବଦଳିଲା

ଭୁବନେଶ୍ୱର, (ପିଏନ)- ଓଡ଼ିଶାରେ କରୋନା ମୁକାବିଲା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସରକାରୀ ବିଭାଗଗୁଡ଼ିକୁ କ୍ରିଟିକାଲ (ଅତ୍ୟାବଶ୍ୟକ) ଓ ପାର୍ସିଆଲି କ୍ରିଟିକାଲ (ଆଂଶିକ ଅତ୍ୟାବଶ୍ୟକ)ରେ ବିଭକ୍ତ କରାଯାଇଥିବା ବେଳେ ଶନିବାର ଏହି ତାଲିକାରେ ପରିବର୍ତନ କରାଯାଇଛି। ଅତ୍ୟାବଶ୍ୟକ ବର୍ଗରେ ଥିବା ବିଭାଗର ୫୦ ପ୍ରତିଶତ କର୍ମଚାରୀ ଏବଂ ଆଂଶିକ ଅତ୍ୟାବଶ୍ୟକ ବିଭାଗରେ ୩୦ ପ୍ରତିଶତ କର୍ମଚାରୀ ଅଫିସ୍ ଯାଇ କାର୍ଯ୍ୟ କରିବେ। ଯେଉଁମାନେ ଅଫିସ୍ ଆସିବେ ନାହିଁ ସେମାନେ ଘରେ ଥାଇ କାମ କରିପାରିବେ।କ୍ରିଟିକାଲ ବର୍ଗରେ ଥିବା ବିଭାଗଗୁଡ଼ିକ ହେଲା କୃଷି, ବାଣିଜ୍ୟ ଓ ପରିବହନ, ସମବାୟ, ଅବକାରୀ, ଅର୍ଥ, ସାଧାରଣ ପ୍ରଶାସନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାଧାରଣ ପ୍ରଶାସନ, ଗୃହନିର୍ମାଣ ଓ ନଗର ଉନ୍ନୟନ, ଗୃହ, ଶ୍ରମ, ପଂଚାୟତି ରାଜ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା , ମତ୍ସ୍ୟ ଓ ପଶୁସଂପଦ ବିଭାଗ, ଇସ୍ପାତ ଓ ଖଣି ଆଦି ୧୫ଟି ବିଭାଗ ରହିଛି। ଏହି ବର୍ଗରେ ଥିବା ବିଭାଗ ଗୁଡ଼ିକର ୫୦ ପ୍ରତିଶତ କର୍ମଚାରୀ ଅଫିସ ଯାଇ ଜରୁରୀ କାମ କରିବେ। ସେହିପରି ପାର୍ସିଆଲି କ୍ରିଟିକାଲ ବିଭାଗରେ ଉପରୋକ୍ତ ୧୪ଟି ବିଭାଗ ବ୍ୟତୀତ ଅନ୍ୟବିଭାଗ ରହିଛି। ଏହି ବର୍ଗରେ ଥିବା ବିଭାଗ ଗୁଡ଼ିକର ୩୦ ପ୍ରତିଶତ କର୍ମଚାରୀ ଅଫିସ ଯାଇ କେନ୍ଦ୍ର ଗୃହ ମନ୍ତ୍ରାଳୟର ଗାଇଡଲାଇନ ଅନୁସାରେ କାମ କରିପାରିବେ। ଏହି ନୂଆ ନିର୍ଦ୍ଦେଶ ମେ ୪ରୁ ୧୭ ପର୍ଯ୍ୟନ୍ତ ବଳବତର ରହିବ।ବିଭିନ୍ନ ବିଭାଗ ନିଜ ଅଧିନରେ ଥିବା ନିଗମ, ଏଜେନ୍ସି, ପିଏସୟୁ ଗୁଡ଼ିକୁ ଚାଲିବା ପାଇଁ ଅନୁମତି ଦେଇପାରିବେ । ଅତ୍ୟାବଶ୍ୟକ ସାମଗ୍ରୀ ନିର୍ମାଣ କରୁଥିବା ଓ ଜରୁରୀ କ୍ଷେତ୍ରରେ ଥିବା ନିଗମ,ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକ ୧୦୦ ପ୍ରତିଶତ କ୍ଷମତାରେ ଚାଲିପାରିବ ।

ଓଡିଶା ସିଭିଲ୍ ସୋସାଇଟି ନେତୃତ୍ୱଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂ

ଓଡିଶାରେ କରୋନା ଆହ୍ୱାନକୁ ସମ୍ଭାବନାର ରୂପ ଦେବା : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ): ଓଡିଶାର ପମୁଖ ସିଭିଲ୍ ସୋସାଇଟି ନେତୃତ୍ୱଙ୍କ ସହ କରୋନା ସମୟରେ ରାଜ୍ୟରେ ପରିସ୍ଥିତି, ଏହାର ତ୍ୱରିତ ମୁକାବିଲା ଓ ଲମ୍ବା ସମୟ ବିକାଶ ଯୋଜନା ଉପରେ ଶନିବାର ଭିଡିଓ କନଫରେନ୍ସିଂ ଯୋଗେ ବିସ୍ତୃତ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟରେ କରୋନା ଆହ୍ୱାନକୁ ସମ୍ଭାବନାର ରୂପ ଦେବାକୁ ସେ ସିଭିଲ ସୋସାଇଟିର ନେତୃବୃନ୍ଦଙ୍କୁ ଆହ୍ୱାନ କରିଛନ୍ତି ।

ଏହି ଆଲୋଚନାରେ ସିଭିଲ୍ ସୋସାଇଟିର ପ୍ରମୁଖ ବ୍ୟକ୍ତିଗଣ କରୋନା ସମୟରେ ପ୍ରବାସୀ ଓଡିଆ ଭାଇ ଭଉଣୀଙ୍କ ଫେରିବା, ସେମାନଙ୍କ ଫେରିବା ପରେ ସଙ୍ଗରୋଧ ଓ ଜୀବିକା ପ୍ରସଙ୍ଗ ଉଠାଇଥିଲେ । ମନରେଗା ନିୟମରେ ସୁଧାର, ଚାଷ ସମସ୍ୟା, କୃଷି ଉତ୍ପାଦର ବିପଣନ, ପିଡିଏସରେ ବଂଚୁଥିବା ଲୋକଙ୍କ ସମସ୍ୟା, ସଙ୍ଗରୋଧରେ ମହିଳାଙ୍କ ପାଇଁ ସୁବିଧା, ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ସମସ୍ୟା, ଜଙ୍ଗଲଜାତ ଦ୍ରବ୍ୟ ବିପଣନ ଆଦି ସମସ୍ୟା ଉପରେ ସିଭିଲ୍ ସୋସାଇଟିର ନେତୃବୃନ୍ଦ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମ୍ଭାବ୍ୟ ସମାଧାନ ଉପରେ ଆଲୋକପାତ କରିଥିଲେ। ସିଭିଲ୍ ସୋସାଇଟିର ସଦସ୍ୟଙ୍କ ମତ ମନ୍ତବ୍ୟ ଶୁଣିବା ସହ କରୋନାର ତତକାଳୀନ ମୁକାବିଲା ସହ ଏହି ଆହ୍ୱାନକୁ କିପରି ଓଡିଶା ପାଇଁ ଏକ ବଡ ସୁଯୋଗରେ ପରିଣତ କରାଯାଇପାରିବ ଏଥିପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଜଣାଇଥିଲେ।

ଓଡିଶା ମୁଖ୍ୟମନ୍ତ୍ରୀଙ୍କ ସହ ସେ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରବାସୀ ଓଡିଆଙ୍କୁ ଫେରାଇ ଆଣିବା ପାଇଁ କଥା ହୋଇଛନ୍ତି । ଏହି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏ ଦିଗରେ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।ସେ କହିଛନ୍ତି ଯେ ଯଦି ପ୍ରବାସୀ ଓଡିଆଙ୍କ ପାଇଁ ରାଜ୍ୟ ଭିତରେ ସ୍ଥାୟୀ କର୍ମ ନିଯୁକ୍ତିର ସୁଯୋଗ ତିଆରି କରାଯିବ ତେବେ ଏହା ଓଡିଶାର ଅର୍ଥନୀତିକୁ ସୁଦୃଢ କରିବ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଜଣେ ଝିଅ ଲାପଟପ୍ ଧରି ବ୍ୟାଙ୍କ୍ ମିତ୍ର ଭାବରେ ଲୋକମାନଙ୍କୁ ଟଙ୍କା ବ୍ୟାଙ୍କ୍ ଖାତାରୁ ଉଠାଇବାର ଚିତ୍ର ସାମାଜିକ ଗଣମାଧ୍ୟମରେ ଦେଖିଥିଲେ । ବ୍ୟାଙ୍କ୍ ମିତ୍ର ବ୍ୟବସ୍ଥାକୁ ଦୃଢ କରିବା ପାଇଁ ମଧ୍ୟ ଉଦ୍ୟମ ହେବ ବୋଲି ଶ୍ରୀ ପ୍ରଧାନ କହିଥିଲେ । ଡିବିଟି ଦ୍ୱାରା ମଧ୍ୟସ୍ଥି ବ୍ୟବସ୍ଥା ନରହିଲେ ସାଧାରଣ ଲୋକ ଠକାମୀର ଶୀକାର ହେବେ ନାହିଁ ବୋଲି ସେ କହିଥିଲେ। କରୋନାକୁ ସାମାଜିକ ଅପବାଦ ବନାଇ ନ ଦେବା ପାଇଁ ସିଭିଲ ସୋସାଇଟି ସମାଜକୁ ବୁଝାଇବାର କାମ କରୁ ବୋଲି ଆହ୍ୱାନ କରିବା ସହ ଚାଷୀର ପ୍ରାଥମିକତା ଧାନ ଚାଷରୁ ହଟାଇ ଅର୍ଥକାରୀ ଫସଲ ଆଡକୁ ନେବା ଉପରେ ଗୁରୁତ୍ୱ ଦେଇଥିଲେ ।ସେ କହିଥିଲେ ଯେ ୧୯୧୮ ମସିହା ସ୍ପାନିଶ ଫ୍ଲୁ ସମୟରେ ଯେଉଁଦେଶ ଅର୍ଥନୀତିକୁ ଧ୍ୟାନ ନଦେଇ ଲୋକଙ୍କ ଜୀବନ ରଖିବାକୁ ପ୍ରାଧାନ୍ୟ ଦେଇଥିଲେ ପରବର୍ତୀ ସମୟରେ ସେ ଦେଶର ଅର୍ଥନୀତି ଦୃଢ ହୋଇଥିଲା । କରୋନା ସମୟରେ ଆମେରିକା ଓ ଭାରତର ପ୍ରାଥମିକତାକୁ ଚର୍ଚ୍ଚା କରିବା ସହ ଲୋକଙ୍କ ଜୀବନ ବଂଚାଇବା ସରକାରଙ୍କର ପ୍ରାଥମିକତା ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ୪ ବର୍ଷ

ଦେଶର ୮ କୋଟି ଏବଂ ଓଡ଼ିଶାର ୪୭.୫ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ସଂଯୋଗ

ନୂଆଦିଲ୍ଲୀ ,(ପିଏନ)- କରୋନା ମହାମାରୀ ବ୍ୟାପିଥିବାରୁ ଘରୁ ବାହାରି ହେଉନାହିଁ। ବାହାରକୁ ଯାଇ କିଛି ଜିନିଷ ଆଣି ହେଉନି। ଏମିତି ସମୟରେ ନରେନ୍ଦ୍ର ମୋଦୀ ସରକାର ଉଜ୍ଜ୍ୱଳା ଯୋଜନାରେ ଆମକୁ ତିନି ମାସର ଗ୍ୟାସ ସିଲିଣ୍ଡର ଯୋଗାଇଦେବାକୁ ବ୍ୟବସ୍ଥା କରିଛନ୍ତି। ସେଥିମଧ୍ୟରୁ ଗୋଟିଏ ଗ୍ୟାସ ସିଲିଣ୍ଡର ଆମେ ପାଇଲୁଣି। ଏଠାକାର ଅନ୍ୟମାନେ ମଧ୍ୟ ପାଇଛନ୍ତି। ଏହି ଗ୍ୟାସରେ ଦୁଇ ଓଳି ଖାଇବା ରାନ୍ଧିବାଢ଼ି ପିଲାମାନଙ୍କୁ ଓ ପରିବାରର ସମସ୍ତଙ୍କୁ ଦେଇପାରୁଛି। ସେଥିଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଏଭଳି କିଛି ପ୍ରତିକ୍ରିୟା ରଖିଛନ୍ତି ସମ୍ବଲପୁର ଜିଲ୍ଲା ବୋମାଲୋଇ ଅଂଚଳର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଜନୈକା ହିତାଧିକାରୀ କାଂଚନ ରଣା। ଖାଲି କାଂଚନ ନୁହନ୍ତି, ମାଲକାନଗିରିର ଜୟନ୍ତୀ ବୈଦ୍ୟ, ଦେବଗଡ଼ର ସୁଜାତା କିସାନ, କେନ୍ଦୁଝରର କୁନ୍ତଳା ବେହେରା, ଚମ୍ପାବତୀ ବେହେରା, ଗଜପତି ଜିଲ୍ଲା ଗୁମ୍ମା ଅଂଚଳର ସୁଲୋଚନା କାଉଁରୀ, କେନ୍ଦୁଝରର ଅମ୍ବିକା ମହାକୁଡ଼ ପ୍ରମୁଖ ମଧ୍ୟ ସମାନ ଧରଣର ପ୍ରତିକ୍ରିୟା ରଖିଛନ୍ତି। ଏମାନେ ବି ଜଣେ ଜଣେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ। ଏପ୍ରିଲ ମାସର ଗ୍ୟାସ ସିଲିଣ୍ଡର ବିନା ମୂଲ୍ୟରେ ପାଇବା ପରେ ମନର ଖୁସି ଜାହିର କରିଛନ୍ତି। କଷ୍ଟ ସମୟରେ ସେମାନଙ୍କର ଅସୁବିଧା ଲାଘବ ପାଇଁ ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।ଖାଲି ଏମାନେ ନୁହନ୍ତି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଓଡ଼ିଶାର ୨୬.୬ ଲକ୍ଷ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି। ଏମାନେ ସମସ୍ତେ ଏପ୍ରିଲ ମାସ ପାଇଁ ମାଗଣା ଗ୍ୟାସ ସିଲିଣ୍ଡର ପାଇଛନ୍ତି। ସମସ୍ତେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି। ରାଜ୍ୟରେ ଥିବା ମୋଟ ୮୮.୫ ଲକ୍ଷ ଏଲପିଜି ହିତାଧିକାରୀଙ୍କ ମଧ୍ୟରୁ ୪୭.୫ ଲକ୍ଷ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ରହିଛନ୍ତି। ମେ ପହିଲାରେ ଉଜ୍ଜ୍ୱଳା ଯୋଜନାକୁ ୪ ବର୍ଷ ପୂରିଛି। ସାରା ଦେଶରେ ଥିବା ୨୭ କୋଟି ୮୫ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୮ କୋଟି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ରହିଛନ୍ତି। ଏପ୍ରିଲ ୨୦୨୦ରେ ୪.୫୩ କୋଟି ହିତାଧିକାରୀଙ୍କୁ ମାଗଣାରେ ଗ୍ୟାସ ରିଫିଲ ପ୍ରଦାନ କରାଯାଇଛି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୧୬ ମସିହା ମେ ୧ ତାରିଖରେ ଆରମ୍ଭ ହୋଇଥିଲା ଯୁଗାନ୍ତକାରୀ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା। ରୋଷେଇ ଘରକୁ ଧୂଆଁମୁକ୍ତ କରିବା ଉଦ୍ଦେଶ୍ୟରେ ଏହି ଯୋଜନାରେ ଗରିବ ମହିଳାମାନଙ୍କ ନାମରେ ମାଗଣାରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବାକୁ କେନ୍ଦ୍ର ସରକାର ନିର୍ଣ୍ଣୟ କରିଥିଲେ। ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ବିଗତ ୪ ବର୍ଷ ମଧ୍ୟରେ ଅନେକ କୀର୍ତିସ୍ତମ୍ଭ ସ୍ଥାପନ କରିଛି।

ଦେଶର ୮ କୋଟିରୁ ଊର୍ଦ୍ଧ୍ୱ ଗରିବ ମହିଳାଙ୍କ ଭାଗ୍ୟ ପରବର୍ତନରେ ସହାୟକ ହୋଇଛି। ଖାଲି ଦେଶରେ ନୁହେଁ, ସାରା ବିଶ୍ୱରେ ଏବେ ଏହି ଯୋଜନାକୁ ନେଇ ଚର୍ଚ୍ଚା ହେଉଛି। ବିଭିନ୍ନ ଅନ୍ତର୍ଜାତୀୟ ଅଧ୍ୟୟନ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଗ୍ୟାସ ଚୁଲାରେ ରୋଷେଇ କରିବା ଦ୍ୱାରା ଦେଶର ଗରିବ ମହିଳାମାନେ ପାରମ୍ପରିକ ଜାଳେଣି ଚୁଲିରେ ରୋଷେଇ କରିବାରୁ ମୁକ୍ତି ପାଇଛନ୍ତି। ଧୂଆଁମୁକ୍ତ, ସୁସ୍ଥ ପରିବେଶ ମଧ୍ୟରେ ରୋଷେଇ କରିବା ଫଳରେ ସେମାନଙ୍କ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ସୁଧାର ଆସିପାରିଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଓ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସକ୍ରିୟ ତତ୍ୱାବଧାନରେ ଏହି ଯୋଜନା ଦେଶବ୍ୟାପୀ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିଛି। ଖାଲି କାଗଜପତ୍ରରେ ନୁହେଁ ତୃଣମୂଳ ସ୍ତରରେ ଉଜ୍ଜ୍ୱଳା ଯୋଜନାର ସଫଳତା ଅନ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ପ୍ରେରଣା ସାଜିଛି।

ସମ୍ପ୍ରତି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଲାଗି ସାରା ଦେଶରେ ଲକଡାଉନ ଜାରି କରାଯାଇଛି। ଏଥିଯୋଗୁ ଦେଶର ଗରିବମାନଙ୍କର ଜୀବନଜୀବିକା ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତି କ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ୧.୭୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ଏହି ପ୍ୟାକେଜରେ ଦେଶର ୮ କୋଟି ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ପାଇଁ ମାଗଣାରେ ତିନି ମାସ ପାଇଁ ଗ୍ୟାସ ରିଫିଲ ଦିଆଯିବାକୁ ଘୋଷଣା କରାଯାଇଛି। ଇତିମଧ୍ୟରେ ଅଧିକାଂଶ ହିତାଧିକାରୀଙ୍କୁ ପ୍ରଥମ ମାସ (ଏପ୍ରିଲ) ପାଇଁ ଗ୍ୟାସ ସିଲିଣ୍ଡର ରିଫିଲ ଯୋଗାଇ ଦିଆଯାଇସାରିଛି। ଲକଡାଉନ ସତ୍ତ୍ୱେ ତୈଳ ବିପଣନ କମ୍ପାନୀର ଅଧିକାରୀ, କର୍ମଚାରୀ, ଗ୍ୟାସ ବିତରକ, ବିତରଣ କର୍ମଚାରୀମାନେ ନିରନ୍ତର ଭାବେ ସମସ୍ତ ଉପଭୋକ୍ତାଙ୍କ ସମେତ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ସେବା ଯୋଗାଣ ଜାରି ରଖିଛନ୍ତି।

ଟି ଟାଇମ୍

ଜୋକ୍ସ

ଟିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଟିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

Σ ଅନ୍ତର୍ଜାତିକ ମାଇଣ୍ଡେନ୍ ଡେ'
Σ ଗୁରୁ ରାଜନେଶଙ୍କ ଜନ୍ମ (୧୯୩୧-୧୯୯୦)
Σ ଭାରତର ତ୍ରୟୋଦଶ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜିଙ୍କ ଜନ୍ମ (୧୯୩୫)
Σ ଚେସ୍ ତାରକା ବିଶ୍ୱନାଥ ଆନନ୍ଦଙ୍କ ଜନ୍ମ (୧୯୬୯)
Σ କଣ୍ଠଶିଳ୍ପୀ ଅଭିନେତ୍ରୀ ଏମ୍.ଏସ୍ ଶୁବଲକ୍ଷ୍ମୀଙ୍କ ପରଲୋକ (୧୯୧୬-୨୦୦୪)
Σ ଭାରତ-ଆମେରିକୀୟ ସିତାର ବାଦକ ରବି ଶଙ୍କରଙ୍କ ପରଲୋକ (୧୯୨୦-୨୦୧୨)

ପୁରାଣ କାହାଣୀ

ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଉନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଉହିଁ ରହିଥିଲେ। ଗୁରୁ ତାଙ୍କର କଥା ପୁଣି ଥରେ ଆମେ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼। କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଯିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲକୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

ଆଜିର ଭାଗ୍ୟ

ମେଷ	ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପାରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।
ବୃଷ	ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଭଲ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପାରନ୍ତି।
ମିଥୁନ	ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।
କର୍କଟ	ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସାଙ୍ଗ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦା ବୃଦ୍ଧି ପାଇବ। ଅଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।
ସିଂହ	ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପ୍ରତ ଜୀବନରେ ଦୁଃଖମୟ ନେଇ ଚିନ୍ତିତ ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।
କନ୍ୟା	ପ୍ରତ୍ୟେକ କ୍ଷେତ୍ରରେ ଉର୍ଜିତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଅନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।
ତୁଳା	ଶାନ୍ତର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।
ବିଛା	ଦୁରନ୍ତର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।
ଧନୁ	ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୈତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।
ମକର	କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଲୋକରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗୁରୁଜନଙ୍କ ପରାମର୍ଶ ପାଇ ଖୁସି ହେବେ।
କୁମ୍ଭ	ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।
ମୀନ	ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମହଣିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରବାନ୍ୱିତ୍ ମନେ କରିବେ।

ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହଁନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାର ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଉଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଜ୍ଞାନିକ ଜ୍ଞାନକୌଶଳର ଉତ୍ପନ୍ନ ଫାଇଦା ଉଠାଇବା ଲାଗି କରାଯାଉଛି।

ରୀୟାଙ୍କ ଅଧୁରା ସ୍ୱପ୍ନ

ଓଡ଼ିଆ ସିନେ ଜଗତର ଜଣେ ଲୋକପ୍ରିୟ ହଟ୍ ଆଣ୍ଡ ସେକ୍ସି ହିରୋଇନ୍ ତାଲିକାର ଶୀର୍ଷରେ ଥିବା ରୀୟା ଦେ ଇତିମଧ୍ୟରେ ବେଶ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ଇତିମଧ୍ୟରେ ସେ ଓଲିଉଡର ଅଧିକାଂଶ ଟପ୍ ନିର୍ଦ୍ଦେଶକ ଓ ନାମୀ ପ୍ରଯୋଜନା ସଂସ୍ଥାର ଫିଲ୍ମରେ ବି କାମ କରିସାରିଲେଣି। ଖାଲି ସେତିକି ନୁହେଁ ସେ ଓଡ଼ିଆ ଚଳଚ୍ଚିତ୍ରର ଅଧିକାଂଶ ଲୋକପ୍ରିୟ ନାୟକଙ୍କ ବିପକ୍ଷରେ ପରଦାରେ ମଧ୍ୟ ରୋମାନ୍ସ କରିବାର ସୁଯୋଗ ପାଇଛନ୍ତି। ଏବେ ଆପଣମାନେ ପଚାରିବେ, ରୀୟା ଏତେ ସବୁ ସଫଳତା ପାଇବା ସତ୍ତ୍ୱେ ତାଙ୍କର ସ୍ୱପ୍ନ କିପରି ପୂରଣ ହୋଇପାରିନାହିଁ? ରୀୟା ଏକଦା ଏକ ସାକ୍ଷାତକାରରେ କହିଥିଲେ ଯେ ଓଲିଉଡର ନାମୀ ନାୟକ ଅନୁଭବ ମହାନ୍ତିଙ୍କ ନାୟିକା ଭାବେ ପରଦାରେ ଦେଖା ଦେବାକୁ ଚାହାଁନ୍ତି। ହେଲେ ଏହି ଅଭିଳାଷ ତାଙ୍କର ଏଯାବତ୍ ଅପୂରଣୀୟ ହୋଇ ରହିଯାଇଛି। କାରଣ ତାଙ୍କୁ କୌଣସି ନିର୍ମାତା ନିର୍ଦ୍ଦେଶକ ଅନୁଭବଙ୍କ ସହ ଫିଲ୍ମର ଅଫର୍ କରୁନାହାନ୍ତି। ଏଠାରେ ସୂଚନାଯୋଗ୍ୟ କି ରୀୟା ଇତିମଧ୍ୟରେ ସିଦ୍ଧାନ୍ତ, ଅରିନ୍ଦମ୍, ବାବୁସାନ, ସବ୍ୟସାଚୀ, ଆକାଶ ଓ ଅଭିଷେକ ପ୍ରମୁଖଙ୍କ ବିପକ୍ଷରେ ରୂପେଲି ପରଦାରେ ନଜର ଆସିଛନ୍ତି ନାୟିକା ଭାବେ। ଦେଖାଯାଉ, କେବେ ରୀୟାଙ୍କ ଉପରେ ଅନୁଭବଙ୍କର କୌଣସି ନିର୍ମାତା

ବାଲି ନିର୍ମିତ ହୋଟେଲ୍

ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି ।

ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ

ନେଦରଲ୍ୟାଣ୍ଡରେ ଏଭଳି ବାଲି ନିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ କାଲିଶ ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଚୁଲ୍ଲୀ ଓ ଖାଟ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ ଓ ପାଣିର ସୁବିଧା ରହିଛି ।

୩ ଫୁଟର ବର-କନ୍ୟା

କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାନେକର ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାନେକର ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧାଉର ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

ବନ୍ଦରରେ କର୍ମଚାରୀ ପରିବର୍ତ୍ତନ ବ୍ୟବସ୍ଥା ନେଇ ବିଭିନ୍ନ ସଂଗଠନ ସହ ମତ ବିନିମୟ କଲେ ଜାହାଜ ଚଳାଚଳ ମନ୍ତ୍ରୀ

ବିଦେଶରେ ଅଟକି ରହିଥିବା ନାବିକମାନଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ପ୍ରତିଶ୍ରୁତ

ନୂଆଦିଲ୍ଲୀ :କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ଶ୍ରୀ ମନସୁଖ ମାଣ୍ଡଭିୟ ଆଜି ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଦେଶର ବିଭିନ୍ନ ସିପ୍ ଲାଇନର, ଜାହାଜ ଚଳାଚଳ କମ୍ପାନୀ, ସାମୁଦ୍ରିକ ଜାହାଜ ଚଳାଚଳ ସଂଘ, ନାବିକ ସଂଘମାନଙ୍କ ସହ ଭାରତୀୟ ବନ୍ଦରରେ ଅଟକି ରହିଥିବା ନାବିକମାନଙ୍କ ପ୍ରତ୍ୟାବର୍ତ୍ତନ ସଂପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ବିଶ୍ୱର ଅନେକ ସ୍ଥାନରେ ସମୁଦ୍ରରେ ଅଟକି ରହିଥିବା ନାବିକମାନଙ୍କ ଦେଖାରଖା ସଂପର୍କୀତ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଛନ୍ତି ।

ଏହି ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିଦେଶରେ କେତେ ଭାରତୀୟ ନାବିକ ଅଟକି ରହିଛନ୍ତି ଯାହାଙ୍କୁ ଭବିଷ୍ୟତରେ ଦେଶକୁ ଫେରାଇ ଅଣାଯିବାର ଅଛି ସେ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରନ୍ତୁ।

ଏହି ଅବସରରେ ଶ୍ରୀ ମାଣ୍ଡଭିୟ ବିଭିନ୍ନ ନାବିକ ସଂଗଠନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ଯେ ପରିସ୍ଥିତି ଅନୁକୂଳ ହେବା ମାତ୍ରେ ଅଟକି ରହିଥିବା ନାବିକମାନଙ୍କୁ ଯଥାଶୀଘ୍ର ଫେରାଇ ଆଣିବା ଲାଗି ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ। ଦେଶର ଯୋଗାଣ ଶୃଙ୍ଖଳକୁ ଜାରି ରଖିବା ସକାଶେ ନାବିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମାଣ୍ଡଭିୟ ସ୍ୱୀକାର କରିବା ସହ ଏବେ ନାବିକମାନେ ସାମନା କରୁଥିବା ଆହ୍ୱାନକୁ ଯଥାଶୀଘ୍ର ସମାଧାନ କରାଯିବ ଏବଂ ଏଭଳି ପରିସ୍ଥିତିରେ ସେମାନଙ୍କର ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ଅଛି ।

ଶ୍ରୀ ମାଣ୍ଡଭିୟ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଭାରତୀୟ ବନ୍ଦରମାନଙ୍କରେ ଅଟକି ରହିଥିବା ନାବିକମାନଙ୍କ ସହ ସମସ୍ତ ପ୍ରକାର ସୂଚନା ପ୍ରକ୍ରିୟାକୁ ଜାରି ରଖନ୍ତୁ ଯଦ୍ୱାରା ସେମାନଙ୍କୁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନାହିଁ ।

ଏହି ଭିଡ଼ିଓ କନଫରେନ୍ସିଂ ଆଲୋଚନାରେ ଭାରତୀୟ ଜାତୀୟ ଜାହାଜ ମାଲିକ ସଂଘ (ଆଇଏନଏସଏ), ସାମୁଦ୍ରିକ ଜାତୀୟ ସିପିଂ ଏଜେନ୍ସି - ଭାରତ (ମାନସ), ଭାରତୀୟ ଜାତୀୟ ନାବିକ ସଂଘ (ଏନୟୁଏସଆଇ, ଭାରତୀୟ ନାବିକ ନ୍ୟାସ (ଆଇଏମଏଫ), ଭାରତୀୟ ସାମୁଦ୍ରିକ ସଂଗଠନ (ଏମୟୁଆଇ)ର ପ୍ରତିନିଧିମାନେ ସାମିଲ ହୋଇଥିଲେ ଯ ସେହିଭଳି ସାମୁଦ୍ରିକ ଜାହାଜ ମାଲିକ ପରିଚାଳକ ଓ ଏଜେଣ୍ଟ ସଂଘ (ଏମଏଏସଏସଏ) ଆଦିର ପ୍ରତିନିଧିମାନେ ମଧ୍ୟ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

...ବାଧକ ସାଜିଥାଏ

ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ । ସେ
ଲେ । ତାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ
ଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆଣିବ
ପ୍ରବେଶ କଲେ । ହଠାତ୍ ସେନାପତି
ଅଭ ଏକ ସଜ୍ଜିତ ରଥରେ ଜଣେ ଦାସ
ସେନାପତିଙ୍କ ତଥ ସହ ସମାନର ଭାବେ
ବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ
ହେଲା । ଏହି ଅହଂଭାବକୁ ଜାଣିପାରି ରାଜା
ଲେ । ଏହି ରଥରୁ ସେନାପତି ଭଳିଭଳି
କୁ ଛାଡ଼ି ସାଧାରଣ ଦାସ ମଧ୍ୟ ତାଙ୍କ ସହ
ନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ
ସେହି ସମୟରେ ତାଙ୍କର ବିକାଶର କଳ୍ପନା
ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା ।
ନ୍ନତି ପଥର ବାଧକ ସାଜିଥାଏ ।

ପର୍ଯ୍ୟବେକ୍ଷକ
ମହାନଗର

ଇ-ସର୍ଭିସ ବୁକ୍ ଏବଂ ଏଚଆଇଏମଏସ ସର୍ବଦା ଅପଟେଡ ରଖିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,(ପିଏନ)- ୫-ଟି ମାଧ୍ୟମରେ ପ୍ରଶାସନିକ ସଂସ୍କାରର ସୁଫଳ ଭାବେ ଅବସର ଦିନ ହିଁ ୧୦୭ ଜଣ ରାଜ୍ୟ ସରକାର କର୍ମଚାରୀଙ୍କୁ ପୂର୍ଣ୍ଣ ଅବସରକାଳୀନ ଭତା ମଞ୍ଜୁର କରାଯାଇଛି । ସାମାଜିକ ଦୂରତା ନିୟମ ବଜାୟ ରଖି ରାଜ୍ୟ ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ପ୍ରତୀକାତ୍ମକ ଭାବେ ୫ଜଣ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପୂର୍ଣ୍ଣ ଭତା ମଞ୍ଜୁର ଆଦେଶ ପ୍ରଦାନ କରିଥିଲେ । ଅବଶିଷ୍ଟ ଆଦେଶଗୁଡ଼ିକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖକୁ ଡାକ ମାଧ୍ୟମରେ ପଠାଯାଇଥିଲା ।

ରାଜ୍ୟ ସରକାରଙ୍କ ନିଷ୍ପତି ଅବସର ଗ୍ରହଣ ଦିନ ପୂର୍ଣ୍ଣ ଅବସରକାଳୀନ ଭତା ମଞ୍ଜୁର ଲକ୍ଷ୍ୟ ହାସଲ କରିବାରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଅର୍ଥ, ଗୃହ ବିଭାଗ ଏବଂ ଆକାଉଣ୍ଟସ ଜେନେରାଲଙ୍କ କାର୍ଯ୍ୟାଳୟ ସମୟକୁ ବର୍ଦ୍ଧିତ ଭାବେ କାର୍ଯ୍ୟ କରିଥିବାରୁ ମୁଖ୍ୟ ଶାସନ ସଚିବ ସେମାନଙ୍କୁ ସାଧୁବାଦ ଜଣାଇଥିଲେ । ଇ-ପେନସନ ପ୍ରକ୍ରିୟାର ସଫଳ ରୂପାୟନ ପାଇଁ ଇ-ସର୍ଭିସ ବୁକ୍ ଏବଂ ଏଚଆରଏମ ଶ୍ରୀ ତ୍ରିପାଠୀ ସମସ୍ତ ସରକାରୀ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅବସରରେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ ଚୋପ୍ରା କହିଥିଲେ ଯେ, ପ୍ରଚଳିତ ପ୍ରକ୍ରିୟା ମାଧ୍ୟମରେ ଅବସରକାଳୀନ ଭତା ମଞ୍ଜୁର ସମୟ ସାପେକ୍ଷ ଥିଲା । ଏଥିପାଇଁ ବିଭିନ୍ନ ବିଭାଗ ଏବଂ ସମ୍ପୃକ୍ତ କର୍ମଚାରୀ ତାଙ୍କ ଚାକିରୀକାଳ ମଧ୍ୟରେ ସେବା ଯୋଗାଇଥିବା ସମସ୍ତ ସ୍ଥାନରୁ ପ୍ରମାଣପତ୍ର ଓ ସ୍ୱୀକୃତି ଆଦି ଦରକାର ପଡୁଥିଲା । ଏହି ପ୍ରକ୍ରିୟାର ସରଳୀକରଣ କରି ଅବସର ଦିନ ହିଁ ପୂର୍ଣ୍ଣ ଅବସରକାଳୀନ ଭତା ମଞ୍ଜୁର କରିବାକୁ ସରକାର ନିଷ୍ପତି ନେଇଥିଲେ । ୨୦୨୦ ମସିହା ମାର୍ଚ୍ଚ ୩ର ତାରିଖ ସୁଦ୍ଧା ଏହା କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତଦନୁଯାୟୀ ସାଧାରଣ ପ୍ରଶାସନ ବିଭାଗ ଏଚଆରଏମଏସ ପୋର୍ଟାଲରେ ଚାକିରୀ ସମ୍ବନ୍ଧିତ ତଥ୍ୟ ସନ୍ନିବେଶିତ କରିବାର ବ୍ୟବସ୍ଥା କରିଥିଲେ । ଇ-ସର୍ଭିସ ବୁକ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ଅର୍ଥ ବିଭାଗ ପ୍ରକ୍ରିୟା ସରଳୀକରଣ ପାଇଁ ଆବଶ୍ୟକୀୟ ନିୟମ ମଧ୍ୟ ପ୍ରଣୟନ କରିଥିଲେ । ଆକାଉଂଟସ ଜେନେରାଲ କାର୍ଯ୍ୟାଳୟଙ୍କ ଅନୁମୋଦନ କ୍ରମେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅବସର ଭତା ମଞ୍ଜୁର ହୋଇପାରିଲା । ଉପ ଆକାଉଂଟସ ଜେନେରାଲ ଡଃ ନନ୍ଦ ଦୁଲାଳ ଦାସଙ୍କ ସମେତ ଗୃହ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ପୂର୍ତ୍ତ ଓ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ଅତିରିକ୍ତ ଶାସନ ସଚିବ ଶ୍ରୀ ଅବନୀକାନ୍ତ ପଟ୍ଟନାୟକ ଏହି କାର୍ଯ୍ୟର ସଂଯୋଜନା କରିଥିଲେ ।

'ମୋ ପ୍ରତିଭା' କାର୍ଯ୍ୟକ୍ରମ ପ୍ରତି ପିଲାମାନଙ୍କ ବିଶେଷ ଆକର୍ଷଣ

ଭୁବନେଶ୍ୱର ,(ପିଏନ)- ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା କୋଭିଡ୍-୧୯ ଲକ୍ ଡାଉନ୍ ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ପ୍ରତି ପିଲାମାନଙ୍କ ଅହେତୁକ ଆକର୍ଷଣ ବୃଦ୍ଧି ପରିଲକ୍ଷିତ ହେଉଛି । ଚଳିତ ସପ୍ତାହରେ ଏହି କାର୍ଯ୍ୟକ୍ରମ ପଂଚମ ସପ୍ତାହରେ ପ୍ରବେଶ କରିଥିବାବେଳେ ପ୍ରାୟ ୯୦୦୦ରୁ ଊର୍ଦ୍ଧ୍ୱ ଆବେଦନ ବିଭାଗର ହସ୍ତଗତ ହୋଇଛି । ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିବାବେଳେ ପିଲାମାନେ ନିଜ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ନିମନ୍ତେ 'ମୋ ପ୍ରତିଭା' କାର୍ଯ୍ୟକ୍ରମରେ ମନୋନିବେଶ କରି ବହୁସଂଖ୍ୟାରେ ଚିତ୍ରକଳା, କବିତା, କ୍ଷୁଦ୍ରଗଳ୍ପ ଆଦି ପଠାଉଛନ୍ତି । କୋଭିଡ୍-୧୯ର ମୁକାବିଲା ଦିଗରେ କୋଭିଡ୍ ଯୋଦ୍ଧାମାନଙ୍କର ଅବଦାନକୁ ଏହିସବୁ ସୃଜନଶୀଳ ବିଷୟରେ ଛାତ୍ରଛାତ୍ରୀମାନେ ଚମତ୍କାର ଭାବେ ପ୍ରସ୍ଫୁଟିତ କରିଛନ୍ତି । ସବୁଥର ପରି ଚଳିତ ସପ୍ତାହର ଫଳ ଆଜି ଘୋଷଣା କରାଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗର ଏହି ଅଭିନବ ଉଦ୍ୟମକୁ ପିତାମାତା, ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀଙ୍କ ସମେତ ସବୁସ୍ତରରେ ପ୍ରଶଂସା କରାଯାଉଛି ।

ଶିକ୍ଷକ ଦିଲ୍ଲୀପଙ୍କ ନିଆରା ପ୍ରୟାସ

ପିଲାଙ୍କୁ କରୋନା ଛୁଟି କ୍ୟାପସୁଲ ପୁସ୍ତକ ବିତରଣ କଲେ

କଣାସ, (ପିଏନ)-କରୋନା ମହାମାରୀ ଭୟରେ ସମଗ୍ର ବିଶ୍ୱ ଏବେ ଭୀତତ୍ରସ୍ତ । ପ୍ରତ୍ୟେକ ପରିବାର ଲକ୍ ଡାଉନରେ ଥିବାବେଳେ ଛୋଟ ପିଲାଙ୍କ ସ୍କୁଲ ପାଠପଢା, ଟ୍ୟୁସନ, ଗୀତ, ନାଚଶିଖା, ଖେଳକୁଦ ମଧ୍ୟ ବନ୍ଦ ହୋଇଯାଇଛି । ସ୍କୁଲ ଛୁଟିଥିବାରୁ ପିଲାମାନେ ମୋବାଇଲରେ ଗପ, ଗୀତ, ନାଚ ଦେଖିବା ସହ ମୋବାଇଲ ଗେମ୍ ଖେଳିଥାନ୍ତି । ଏକାଧିକ ପିଲାମାନେ ଘରେ କଳିଗୋଳ ଲାଗିବା ବାପା ମା'ଙ୍କ ମୁଣ୍ଡ ବିନ୍ଧାର କାରଣ ପାଲିଟିଛି । ଏହିଭଳି ପିଲାଙ୍କୁ ଘରେ ପାଠପ୍ରତି ଆକର୍ଷିତ କରିବା ପାଇଁ ଏକ ନିଆରା ପଦକ୍ଷପ ନେଇଛନ୍ତି । କଣାସ ବ୍ଲକର ଜଣେ ଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନ । ପିଲାମାନଙ୍କ ପାଇଁ ପାଠ୍ୟ ବିଷୟକୁ ଗୀତ, ଗପ, ଚିତ୍ର ମାଧ୍ୟମରେ ଏକ ପୁସ୍ତକ ପ୍ରସ୍ତୁତ କରି ଅଭିଭାବକ ମାନଙ୍କୁ ଯୋଗାଇ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଲକ୍ ଡାଉନକୁ ମଇ ମାସ ପର୍ଯ୍ୟନ୍ତ ବଢାଇବାକୁ ଘୋଷଣା କରିବାରୁ ଏହି ସମୟରେ ପିଲାମାନଙ୍କ ପାଇଁ ଆଉଖଣ୍ଡେ ପୁସ୍ତକ "କରୋନା ଛୁଟି କ୍ୟାପସୁଲ" ପୁସ୍ତକ କରିଛନ୍ତି ଶିକ୍ଷକ ଶ୍ରୀ ଶ୍ରୀଚନ୍ଦନ । ଏଥିରେ ସାହିତ୍ୟ, ଗଣିତ, ସାମାଜିକ, ସାଧାରଣ ବିଜ୍ଞାନ, ଗପ, ଗୀତ, ଚିତ୍ରାଙ୍କନ ସ୍ଥାନ ପାଇଛି । କିଛି ଅଭିଭାବକଙ୍କ ଅନୁରୋଧରେ ସେ ଏଭଳି ପୁସ୍ତକ ପ୍ରସ୍ତୁତ କରି ପ୍ରେସ୍ ବନ୍ଦଥିବାରୁ ଜେରକ୍ସ କରି ଅଭିଭାବମାନଙ୍କୁ ବିନା ମୂଲ୍ୟରେ ଯୋଗାଇ ଦେଇଛନ୍ତି । ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ସାନଓରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଏହି ନିଆରା ପ୍ରୟାସକୁ ଅଭିଭାବକ, ଛାତ୍ରଛାତ୍ରୀ ମଧ୍ୟ ବେଶ୍ ପ୍ରଶଂସା କରିଛନ୍ତି । ମଣ୍ଡଳ ସହଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ, ସି.ଆର.ସି.ସି ରାମଚନ୍ଦ୍ର ସାହୁ ଏହା ଏକ ଭଲ ପଦକ୍ଷପ ବୋଲି କହିଛନ୍ତି । ଶିଶୁର ଅନ୍ତର୍ନିହିତ ଗୁଣାବଳୀ ଓ ଶୈକ୍ଷିକ ବିକାଶ ଦିଗରେ ଓ ନୈତିକତାରେ ଉନ୍ମେଷ ପାଇଁ ଏହି ପୁସ୍ତକରେ ଚେଷ୍ଟା କରାଯାଇଥିବା ଜଣାପଡିଛି ।

ପ୍ରକାଶ ଥାଉକି, ଶ୍ରୀ ଶ୍ରୀଚନ୍ଦନ ପେଷାରେ ଜଣେ ଶିକ୍ଷକ ଥିବା ବେଳେ ଠାକୁର ଅଭିରାମ ପରହଂସଙ୍କ ପ୍ରେରଣାରେ ଦୀର୍ଘଦୀନ ହେଲା ସୁନାମ ଧନ୍ୟ ପ୍ରବଚକ ଭାବେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗ ଦେଇ ଆସୁଛନ୍ତି । ପ୍ରତ୍ୟେକ ରଥ ଯାତ୍ରାରେ ଜଗନ୍ନାଥଙ୍କ ଧାରା ବିବରଣୀ ବିଭିନ୍ନ ଗଣମାଧ୍ୟମରେ ଦେଉଥିବା ବେଳେ ୧୫ ଖଣ୍ଡ ବିଭିନ୍ନ ପୁସ୍ତକ ଶ୍ରୀ ଜଗନ୍ନାଥ ଓ ଠାକୁର ଅଭିରାମ ପରମହଂସ ସମ୍ପର୍କରେ ଲେଖିଛନ୍ତି ।

ହଟସ୍ପଟ ଏରିଆରୁ ସରକାରୀ ଅଧିକାରୀ ଫେରି କାର୍ଯ୍ୟାଳୟରେ କାମ ଆରମ୍ଭକୁ ବିରୋଧ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗର ୨ ଜଣ ଅଧିକାରୀ ନିକଟରେ କୋଭିଡ-୧୯ ଓଡିଶାର ହଟସ୍ପଟ ଏରିଆରୁ ଫେରି କାର୍ଯ୍ୟାଳୟକୁ ଆସି କାମ କରୁଥିବା ଅଭିଯୋଗ ହେଉଛି । ସେମାନେ ହଟସ୍ପଟ ଏରିଆରୁ ଫେରିଥିବାରୁ ଏକାନ୍ତ ନିବାସରେ ରହିବା ଆବଶ୍ୟକ । କିନ୍ତୁ, ସେହି ଅଧିକାରୀ ଜଣକ ସରକାରଙ୍କ ନୀତିନିୟମକୁ ଉଲ୍ଲଂଘନ କରି କାର୍ଯ୍ୟାଳୟକୁ ଯାଇ କାର୍ଯ୍ୟ କରୁଥିବା ଜଣାପଡିଛି । ଖଡିଆଳ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣର ଦାବୀ ହେଉଛି ।

ଗତ ୨ ଦିନ ତଳେ ଖଡିଆଳରୁ ଖଡିଆଳ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀ ଭୁବନେଶ୍ୱର ଯାଇଥିଲେ । ନିଜର ଏକ ସ୍ୱତନ୍ତ୍ର ଗାଡି ନେଇ ଭୁବନେଶ୍ୱର ଯିବାକୁ ଥିବା ବେଳେ ଗାଡିର ଗାଡିଚାଳକ କରୋନାକୁ ଦୃଷ୍ଟିରେ ରଖି ଯିବାକୁ ମନା କରିଥିଲେ । ଫଳରେ ଅଧିକାରୀ ଜଣକ ସିନାପାଲିର ଜଣେ କର୍ମଚାରୀଙ୍କୁ ନେଇ ଭୁବନେଶ୍ୱର ଯାଇଥିଲେ । ସେମାନେ ଭୁବନେଶ୍ୱରରୁ ଫେରି ଖଡିଆଳରେ ପହଂଚି ନିଜ ସରକାରୀ କାମ କରିବାକୁ କାର୍ଯ୍ୟାଳୟକୁ ଯାଇଥିଲେ । ଅଧିକାରୀ ଜଣକ ୧୪ ଦିନ କ୍ୱାରେଂଟାଇନରେ ରହିବା କଥା । କିନ୍ତୁ ସେ ଏପରି କରିନଥିବାରୁ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ମାନେ ଭୟରେ ଆଉ କାର୍ଯ୍ୟାଳୟକୁ ଯାଉନାହାନ୍ତି । ସାଧାରଣ ବ୍ୟକ୍ତିଙ୍କ ପାଇଁ ଏପରି ସ୍ଥିତିରେ ବାହାରୁ ଫେରିଲେ ପ୍ରଶାସନ ଏକାନ୍ତ ନିବାସରେ ରହିବାକୁ ପରାମର୍ଶ ଦେଉଥିବା ବେଳେ ଏହି ଅଧିକାରୀଙ୍କୁ କାହିଁକି ବାରଣ କରାଗଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

ପ୍ରଶାସନିକ ଅଧିକାରୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

୫ ଜଣଙ୍କୁ ଗିରଫ କଲା ପୋଲିସ

ଧର୍ମଶାଳା, (ପିଏନ)- ଗତକାଲି ଯାଜପୁର ଜିଲାରେ କରୋନା ସ୍ଥିତି ଅନୁଧ୍ୟାନ କରିବା ଓ ଲକ୍ ଡାଉନ ସମୟରେ ଚେକିଂ କରିବାକୁ ଯାଇଥିବା ପ୍ରଶାସନିକ ଅଧିକାରୀଙ୍କ ଉପରେ କିଛି ସ୍ଥାନୀୟ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିଲେ । କୁଆଖିଆ ଥାନା ରସୁଲପୁର ବ୍ଲକ ବଡକଇଂଚି ପଂଚାୟତ ଅନ୍ତର୍ଗତ ଗୋପିନାଥପୁର ଗାଁରେ ଏଭଳି ଘଟଣା ଘଟି ଯାଇଥିବା ବେଳେ ଏହି ଘଟଣାରେ ଆଜି କୁଆଖିଆ ପୁଲିସ ଅନ୍ୟ ୫ ଜଣଙ୍କୁ ଗିରଫ କରିଛି । ଫଳରେ ମାମଲାରେ ମୋଟ ଗିରଫ ସଂଖ୍ୟା ୮ରେ ପଂହଚିଛି ।

ଆଜି କୁଆଖିଆ ପୁଲିସ ସଦଳବଳେ ଗୋପିନାଥପୁର ସଂଖ୍ୟାଲଘୁ ସାହିରେ ଚଢ଼ଉ କରି ଅବଦୁଲ ସଲାମ ଖାଁଙ୍କ ପୁଅ ସୁଲତାଲ(୨୩), ଉମର ଖାଁଙ୍କ ପୁଅ ରବାନୀ(୨୪), ଅବଦୁଲ ସଲାମ ଖାଁଙ୍କ ପୁଅ ଗୁଫରାନ(୨୨), ସ୍ୱର୍ଗତ କୋବଦ ଖାଁଙ୍କ ପୁଅ ଅବଦୁଲ ସଲାମ ଖାଁ(୫୫) ଏବଂ ବିଂଝାରପୁର ଅଂଚଳର ସ୍ୱର୍ଗତ ଇବ୍ରାହିମ୍ ଖାଁଙ୍କ ପୁଅ ଅସରଫ ଅଲ୍ଲୀ(୩୦)ଙ୍କୁ ଗିରଫ କରିଛି । ସେମାନଙ୍କୁ ଅଧିକ ଜେରା ପରେ କୋର୍ଟ ଚାଲାଣ କରାଯିବ ବୋଲି କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

ସୂଚନା ଥାଉ କି, ଗତକାଲି ଅପରାହ୍ନରେ ଯାଜପୁର ଜିଲାପାଳ ରଂଜନ କୁମାର ଦାସଙ୍କ ନେତୃତ୍ୱରେ ଯାଇଥିବା ଏକ ଟିମ୍ ରସୁଲପୁର ଅଂଚଳରେ ଲକ୍ ଡାଉନର ସ୍ଥିତି ଅନୁଧ୍ୟାନ କରିଥିଲେ । ରସୁଲପୁର ବିଡିଓ ଉମାକାନ୍ତ ପରିଡା ଓ ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ ପ୍ରମୁଖ ଅନ୍ୟ ଅଧିକାରୀଙ୍କ ସହ ଯାଉଥିବା ସମୟରେ ବିପରିତ ଦିଗରୁ ଆସୁଥିବା କିଛି ବାଇକ୍ ଚାଳକ ମାକ୍ସ ଓ ହେଲମେଂଟ ଲଗାଇ ନଥିବାର ଦେଖି ସେମାନଙ୍କୁ ଅଟକାଇଥିଲେ । ହେଲେ ଯୁବକମାନେ ଗୋପିନାଥପୁର ଗାଁ ଭିତରକୁ ଚାଲିଯାଇଥିଲେ । ସେମାନଙ୍କ ପିଛା କରି ଅଧିକାରୀମାନେ ଉକ୍ତ ଗ୍ରାମରେ ପଂହଚିବା ପରେ ଗ୍ରାମର ୩୦ରୁ ୪୦ ଜଣ ଲୋକେ ସେମାନଙ୍କୁ ଆକ୍ରମଣ କରିଥିଲେ । ଖବର ପାଇ ଜିଲାପାଳ ରଞ୍ଜନ କୁମାର ଦାସ ଘଟଣାସ୍ଥଳରେ ପଂହଚିବା ପରେ ତାଙ୍କୁ କେତେକ ବ୍ୟକ୍ତି ଦୁର୍ବ୍ୟବହାର କରିଥିଲେ । ଖବର ପାଇ ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ଘଟଣାସ୍ଥଳରେ ପଂହଚି ଗ୍ରାମର ସ୍ଥିତି ଅନୁଧ୍ୟାନ କରିବା ସହିତ ବ୍ୟାପକ ପୁଲିସ ମୁତୟନ କରିଥିଲେ । କରୋନା ଯୋଦ୍ଧାଙ୍କ ଉପରେ ଏ ଭଳି ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଦୃଢ଼ ନିନ୍ଦା କରାଯାଇଛି । ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ବିଶେଷମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

ସୁରତରୁ ଫେରୁଥିବା ବସ୍ ଯାତ୍ରୀଙ୍କ ମୃତ୍ୟୁ

ଗଞ୍ଜାମ, (ପିଏନ)-ସୁରତରୁ ବସ୍ ଯୋଗେ ଗାଁକୁ ଫେରିବା ବାଟରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ପ୍ରକାଶ ଗୌଡ଼ । ୪୫ ବର୍ଷିୟ ପ୍ରକାଶଙ୍କ ଘର ଗଞ୍ଜାମ ଜିଲ୍ଲାରେ । ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ ।

ପ୍ରକାଶଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ପୂର୍ବରୁ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା । ତେବେ ଘଟଣା ପରେ ଛତିଶଗଡ଼ ଠାରେ ପୋଲିସ ବସ୍ ଟିକୁ ଅଟକ ରଖିବା ସହ ଏନେଇ ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏ ବାବଦରେ ଅବଗତ ଥିବା ଜଣାପଡିଛି ।

ରାଉରକେଲା ସହରର ବଜାର ଗୁଡିକରେ ସାମାଜିକ ଦୂରତ୍ୱ କଟକଣାକୁ ଲୋକେ ମାନୁ ନାହାନ୍ତି

ରାଉରକେଲା, (ପିଏନ)- ରାଉରକେଲା ସହରର ବଜାର ହାଟ ଗୁଡିକରେ ଲୋକେ ସାମାଜିକ ଦୂରତାକୁ ଆଦୌ ମାନୁ ନଥିବା ଦେଖାଯାଇଛି । କରୋନାକୁ ନେଇ ଲକ୍ ଡାଉନ ଘୋଷଣା ହେବା ପରେ ସରକାର, ଜିଲ୍ଲା ପ୍ରଶାସନ ବାରମ୍ବାର ଏନେଇ ପ୍ରଚାର କରୁଥିଲେ ବି ବଜାର ଘାଟର ଅବସ୍ଥା ଓ ଦୃଶ୍ୟ ଏହାହିଁ ବର୍ଣ୍ଣନା କରୁଛି । ବିଶେଷ କରି ସହରର ବିଶ୍ରା ଛକ, ଛେଣ୍ଡର ଦୁଇଦିନିଆ ପରିବା ବଜାର (ରବିବାର /ବୁଧବାର), ସେକ୍ଟର୧୯ ପରିବା ବଜାର, ପାନ ପୋଷ ପରିବା ବଜାର, ସାର ନଗରୀ ପରିବା ବଜାର ଆଦି ଅଂଚଳରେ ଏହି ସବୁ ସମସ୍ୟା ଲାଗି ରହିଛି । ଖାଲି ସେତିକି ନୁହେଁ ଏହି ସବୁ ବଜାରରେ ବସୁଥିବା ବେପାରୀ ନିଜ ମୁହଁରେ ମାସ୍କ ଲଗାଉନଥିବା ବେଳେ ଅନେକ ଲୋକ ମଧ୍ୟ ମଧ୍ୟ ବିନା ମାସ୍କରେ ବଜାର କରୁଥିବା ଦେଖାଯାଉଛି । ସକାଳୁ ୩ଘଂଟା ଓ ସଂଧ୍ୟାରେ ୨ଘଂଟା ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ନିମନ୍ତେ ପ୍ରଶାସନ ପକ୍ଷରୁ କୋହଳ କରାଯାଇଛି । ଏହି ସୁବିଧା ସତ୍ୱେ ପରିବା ବଜାରରେ ଲୋକଙ୍କ ଭିଡ଼ ଲାଗି ସଚେତନ ନାଗରିକ ମହଲରେ ଉଦବେଗ ପ୍ରକାଶ ପାଇଛି । ସାଧାରଣ ରାସନ ଦୋକାନ, ଔଷଧ ଦୋକାନ ଆଦିରେ ଲୋକଙ୍କୁ ଠିଆ ହେବା ଲାଗି ଗୋଲେଇ ଚିହ୍ନ ମାନ କରାଯାଇଛି । ଲୋକେ ଏଗୁଡିକୁ ୮୦ ପ୍ରତିଶତ ମାନି ଚାଲିଛନ୍ତି । ଲକ୍ ଡାଉନ ସମୟରେ ବଜାରକୁ ଅନେକ ଅଂଚଳରେ ଲୋକେ ବାହାରକୁ ମଧ୍ୟ ବାହାରୁ ନାହାନ୍ତି । ପ୍ରଶାସନର ପ୍ରଚାରଗାଡି ଗୁଡିକ ପ୍ରଚାର କରୁଛନ୍ତି । ହେଲେ ବଜାର ଘାଟରେ ପୁଲିସ କିମ୍ବା ପ୍ରଶାସନର ଅନ୍ୟ କୌଣସି ବିଭାଗ ଦୃଷ୍ଟି ଦେଉନଥିବାରୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରେ ଲାଗିଛି । ଏହାରି ଭିତରେ ରାଉରକେଲା ପାଖ ବିଶ୍ରାରୁ ଦୁଇଜଣ କରୋନା ରୋଗୀ ବାହାରି ସାରିଛନ୍ତି । ତେଣୁ ସାମାଜିକ ଦୂରତା ନିହାତି ଆବଶ୍ୟକ ଥିଲେ ବି ଲୋକେ ତାଙ୍କ ହିସାବରେ ପ୍ରସାସନ ତାଙ୍କ ହିସାବରେ ଚାଲିଥିବା ଦେଖାଯାଉଛି ।

ମଇ ୭ ରୁ ଆରମ୍ଭ ହେବ ଡାଲି ଓ ତୈଳବୀଜ ସଂଗ୍ରହ

ଭୁବନେଶ୍ୱର ,(ପିଏନ)- କୋଭିଡ୍-୧୯ ପରିପେକ୍ଷୀରେ ସାମାଜିକ ଦୂରତ୍ୱ ଓ ମାର୍ଗଦର୍ଶିକାକୁ ବଜାୟ ରଖି ରାଜ୍ୟରେ ଡାଲି ଓ ତୈଳବୀଜର ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ରାଜ୍ୟରେ ମଇ ମାସ ୭ ତାରିଖରୁ ମାର୍କଫେଡ୍ ଦ୍ୱାରା ସରକାରଙ୍କ ମୂଲ୍ୟ ସହାୟକ ଯୋଜନା (ପିଏସ୍ଏସ୍) ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀମାନଙ୍କ ଠାରୁ ଡାଲି ଓ ତୈଳବୀଜ ସଂଗ୍ରହ କରାଯିବ । ଭାରତ ସରକାରଙ୍କ ଦ୍ୱାରା ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖୀ ମଂଜି ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇଛି । ଚଳିତ ରବି ଋତୁ ୨୦୧୯-୨୦ରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ରାଜ୍ୟରେ ୧୪,୧୨୧ ମେଟ୍ରିକ୍ ଟନ୍ ମୁଗ, ୫୪୨୫ ମେଟ୍ରିକ୍ ଟନ୍ ଚିନାବାଦାମ, ୮୭୫୦ ମେଟ୍ରିକ୍ ଟନ୍ ସୂର୍ଯ୍ୟମୁଖୀ ମଂଜି ସଂଗ୍ରହ କରାଯିବ । ଭାରତ ସରକାରଙ୍କ ଅନୁମତି ପ୍ରାପ୍ତି ପରେ ବିରିର ସଂଗ୍ରହ କାର୍ଯ୍ୟ କରାଯିବ ।

ଏଫ.ଏ.କ୍ୟୁ ମାନର ମୁଗର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ୍ ପିଛ ୭,୦୫୦ ଟଙ୍କା, ବିରି କ୍ୱିଂଟାଲ୍ ପିଛା ୫,୭୦୦ ଟଙ୍କା, ସୂର୍ଯ୍ୟମୁଖୀ ମଂଜି କ୍ୱିଂଟାଲ୍ ପିଛା ୫୬୫୦ ଟଙ୍କା ଏବଂ ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ୍ ପିଛା ୫,୦୯୦ ଟଙ୍କା ସ୍ଥିର କରାଯାଇଛି । ନାଫେଡ୍ ପକ୍ଷରୁ ରାଜ୍ୟରେ ମାର୍କଫେଡ୍, ଓଡ଼ିଶାର ବିଭିନ୍ନ ପ୍ୟାକ୍ସ, ଲ୍ୟାମ୍ପସ୍, ନିୟନ୍ତ୍ରିତ ବଜାର କମିଟି ଜରିଆରେ ଏହାକୁ ସଂଗ୍ରହ କରିବ । ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ଚଳିତ ବର୍ଷ ମଇ ମାସ ୭ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ନିମନ୍ତେ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ସଂଗ୍ରହ କେନ୍ଦ୍ର ନିର୍ଦ୍ଧାରଣ କରି ଚାଷୀମାନଙ୍କର ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ସଂପୃକ୍ତ ସଂସ୍ଥାଗୁଡ଼ିକୁ ଅବଗତ କରାଯିବା ସହିତ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି । ପ୍ରକୃତ ଚାଷୀମାନଙ୍କୁ ଚିହ୍ନଟ କରି ସେମାନଙ୍କର ନାମ ପଞ୍ଜୀକରଣ ପ୍ରକ୍ରିୟା ମଇ ୭ ତାରିଖ ମଧ୍ୟରେ ସଂପନ୍ନ କରିବା ପାଇଁ କୁହାଯାଇଛି । ଚାଷୀ ଚିହ୍ନଟ ଏବଂ ପଞ୍ଜୀକରଣ ନିମନ୍ତେ ଆଧାର କାର୍ଡ କିମ୍ବା ଅନ୍ୟ କୌଣସି ପରିଚୟ ପତ୍ର ଯଥା ବ୍ୟାଙ୍କ ପାସବୁକ୍ର ପ୍ରଥମ ପୃଷ୍ଠା,ଚାଷ ଜମିର ଦଲିଲ୍ ଏବଂ ପରିମାଣର କାଗଜପତ୍ର ଜରୁରୀ ଅଟେ । ଡାଲି ଓ ତୈଳବୀଜ ଉତ୍ପାଦନ ହାରକୁ ଦୃଷ୍ଟିରେ ରଖି ଏକର ପିଛା ୩ କ୍ୱିଂଟାଲ୍ ମୁଗ ଓ ବିରି ଧାର୍ଯ୍ୟ କରାଯାଇଥିବାବେଳେ ଏକର ପିଛା ୮ କ୍ୱିଂଟାଲ୍ ଚିନାବାଦାମ ଏବଂ ୫ କ୍ୱିଂଟାଲ୍ ସୂର୍ଯ୍ୟମୁଖୀ ମଂଜି ସଂଗ୍ରହ କରିବା ପାଇଁ ସ୍ଥିର କରାଯାଇଛି ।

ରାଜ୍ୟର ୧୬ଟି ଜିଲ୍ଲାରେ ଡାଲି ଓ ତୈଳବୀଜ ସଂଗ୍ରହ କରାଯିବ । ଏହି ଜିଲ୍ଲାଗୁଡ଼ିକ ହେଉଛି ନୂଆପଡ଼ା, ବାଲେଶ୍ୱର, କଟକ, ଢେଙ୍କାନାଳ, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ, ରାୟଗଡ଼ା, କଳାହାଣ୍ଡି, ମାଲକାନଗିରି, ବରଗଡ଼, ଯାଜପୁର, ଖୋର୍ଦ୍ଧା ଏବଂ କେନ୍ଦୁଝର । ଏହିସବୁ ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଜିଲ୍ଲାରେ ଉତ୍ପାଦିତ ଓ ବଳକା ଡାଲି ଏବଂ ତୈଳବୀଜକୁ ଆକଳନ କରି ସଂଗ୍ରହ କେନ୍ଦ୍ର ଓ ଏହାର ସ୍ଥାନ ନିର୍ଦ୍ଧାରଣ କରିବେ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ପରବର୍ତୀ ପର୍ଯ୍ୟାୟରେ ଅନ୍ୟ ଜିଲ୍ଲାଗୁଡ଼ିକୁ ଏହାକୁ ସଂପ୍ରସାରିତ କରାଯାଇପାରେ ।

ADMISSION OPEN
MAHARISHI PLAY SCHOOL
LAUGH
PLAY
LEARN
SHARE
PLAYGROUP(2+)
NURSERY(3+)
LKG, UKG
STD 1 TO V
Find the difference
FACILITIES
- Surveillance through CCTV Camera
- Small Classes
- Congenial Environment
- Intimate, Safe & secured place
- Experienced & loving teachers
- Individual attention to each child
- Spacious Playground
- Transport Facilities
- Hobby Classes on every Saturday

COACHING CLASSES : FOR STD I TO X
TIMING 5 PM TO 6.30 PM
25% SEATS ARE RESERVED FOR EWS STUDENTS IN STD 1
ENROLL YOUR CHILD TODAY
MAHARISHI PUBLIC SCHOOL
N4/F/24, IRC Village
Nayapalli, Bhubaneswar
Tel:0674-2558884,2550786
Email: maharishipublic13@ gmail.com
CALL NOW FOR APPLICATION

ଖେଳ
ପର୍ଯ୍ୟବେକ୍ଷକ
PARYABEKHYAK
Bhubaneswar Monday, May 03,2020 ଭୁବନେଶ୍ୱର ସୋମବାର ମଇ ୦୩,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

କେନ୍ଦୁଝର :ବାହାର ରାଜ୍ୟରୁ ଜିଲ୍ଲାକୁ ଆସୁଥିବା ବ୍ୟକ୍ତିଙ୍କ ପାଇଁ ପଞ୍ଜିକରଣ ବାଧ୍ୟତାମୂଳକ : ଜିଲ୍ଲାପାଳ

କେନ୍ଦୁଝର,(ପିଏନ)-କରୋନା ମହାମାରୀ (ଉଙଠଓଉ-୧୯)ର ସଠିକ୍ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଜିଲ୍ଲାପାଳ ଆଶିଷ ଠାକରେ ନିର୍ଦ୍ଦେଶ ଦେଇଛନ୍ତି। ବାହାର ରାଜ୍ୟରୁ ଜିଲ୍ଲାକୁ ଆସୁଥିବା ବ୍ୟକ୍ତିମାନେ ନିଜ ଘରକୁ ଫେରିବା ପୂର୍ବରୁ ପଞ୍ଜିକରଣ କରିବା ବାଧ୍ୟତାମୂଳକ ବୋଲି ସ୍ପଷ୍ଟ କରିଛନ୍ତି। ତାଲା ବନ୍ଦ ଯୋଗୁ ରାଜ୍ୟ ବାହାରେ ଫସି ରହିଥିବା ଶ୍ରମଜୀବୀ, ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ବର୍ଗର ବ୍ୟକ୍ତି କେନ୍ଦୁଝର ଜିଲ୍ଲାକୁ ପ୍ରତ୍ୟାବର୍ତନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ପ୍ରବାସୀ ବ୍ୟକ୍ତିମାନେ କିପରି ସୁରକ୍ଷିତ ଭାବେ ନିଜ ନିଜ ଗ୍ରାମରେ ପହଁଚିବା ସହ ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ ସୁରକ୍ଷିତ ରଖିବେ, ସେଥିପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ଦ୍ୱାରା ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, କେନ୍ଦୁଝର ଜିଲ୍ଲାକୁ ଆସୁଥିବା ବ୍ୟକ୍ତିମାନେ ସରକାରୀ ପୋର୍ଟାଲ ମକ୍କଙ୍ଗସୟ୧୯.କ୍ଟୟସସ୍ପଷବ.ଶକ୍ଟଙ୍ଗ.ସଭ ରେ ପଞ୍ଜିକରଣ କରିବା ଏକାନ୍ତ ଆବଶ୍ୟକ। ଏହି ପଞ୍ଜିକରଣ ଅନ୍‌ଲାଇନ୍/ଅଫ୍‌ଲାଇନ୍‌ରେ ନିଜେ କିମ୍ବା ନିଜ ସମ୍ପର୍କୀୟ ମାଧ୍ୟମରେ କରିପାରିବେ। ପଞ୍ଜିକରଣ କରିବା ସମୟରେ ଆବଶ୍ୟକୀୟ ତଥ୍ୟ ଯଥା- ଯାନବାହନ, ମୋବାଇଲ୍ ନମ୍ବର ଇତ୍ୟାଦି ସମ୍ପର୍କିତ ତଥ୍ୟ ନିର୍ଦ୍ଧାରିତ ଫର୍ମରେ ଦାଖଲ କରିବା ଏକାନ୍ତ ଆବଶ୍ୟକ। ଚେକ୍ ପଏଂଟରେ ଆସୁଥିବା ବ୍ୟକ୍ତିମାନଙ୍କର ପଞ୍ଜିକରଣ ସ୍ଥିତି ସମ୍ପର୍କରେ ଯାଂଚ କରାଯିବ ଏବଂ ସେମାନଙ୍କ ହାତରେ ଅଲିଭା କାଳିରେ ଚିହ୍ନ ଦିଆଯିବ। ସେମାନେ ନିଜ ଅଂଚଳରେ ପହଁଚିବା ପରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ପଡ଼ିବ। ସହରାଂଚଳ ପାଇଁ ହୋମ୍ କ୍ୱାରାଂଟାଇନ୍, ହୋଟେଲ ଓ ଲଜ୍‌ମାନଙ୍କରେ ପେଡ୍ କ୍ୱାରାଂଟାଇନ୍ ଏବଂ ଯେଉଁମାନଙ୍କର ସୁବିଧା ନ ଥିବ ସେମାନଙ୍କ ପାଇଁ ଇନ୍‌ଷ୍ଟିଚ୍ୟୁସନାଲ କ୍ୱାରାଂଟାଇନ୍‌ର ବ୍ୟବସ୍ଥା କରାଯାଇଛି। ପୌରପାଳିକା/ଏନ୍.ଏ.ସି.ର ନିର୍ବାହୀ ଅଧିକାରୀମାନଙ୍କୁ ସହରାଂଚଳରେ କ୍ୱାରାଂଟାଇନ୍ ଅଥୋରିଟି ଭାବେ ନିଯୁକ୍ତ କରାଯାଇଛି । ସେହିପରି ଗ୍ରାମାଚଂଳମାନଙ୍କରେ ଇନ୍‌ଷ୍ଟିଚ୍ୟୁସନାଲ କ୍ୱାରାଂଟାଇନ ଏବଂ ହୋମ୍ କ୍ୱାରାଂଟାଇନର ବ୍ୟବସ୍ଥା କରାଯାଇଛି ଏବଂ ସ୍ଥାନୀୟ ସରପଂଚମାନଙ୍କୁ କ୍ୱାରାଂଟାଇନ୍ ଅଥୋରିଟି ଭାବେ ଦାୟିତ୍ୱ ଦିଆଯାଇଛି। ଯଦି ବିନା ପଞ୍ଜିକରଣରେ କୌଣସି ବ୍ୟକ୍ତି ଜିଲ୍ଲାରେ ପ୍ରବେଶ କରନ୍ତି କିମ୍ବା ୧୪ ଦିନର ବାଧ୍ୟତାମୂଳକ ସଙ୍ଗରୋଧ ନିର୍ଦ୍ଦେଶନାମାକୁ ଅବମାନନା କରନ୍ତି ତେବେ ଆଇନ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ କେନ୍ଦୁଝର ଜିଲ୍ଲାକୁ ଆସିବାକୁ ଚାହୁଁଥିବା ଏବଂ କେନ୍ଦୁଝର ଜିଲ୍ଲାରୁ ଅନ୍ୟ ରାଜ୍ୟକୁ ଯିବା ପାଇଁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଜିଲ୍ଲା ନିୟନ୍ତ୍ରଣ କକ୍ଷରେ ଲ୍ୟାଣ୍ଡ୍ ଲାଇନ୍ ଫୋନ୍ ନମ୍ବର-୦୬୭୬୬-୨୫୫୪୯୫ ଏବଂ ମୋବାଇଲ ନମ୍ବର-୭୬୫୭୦୬୬୦୯୯ (ହ୍ୱାଟ୍‌ସ୍‌ଅପ୍ ନମ୍ବର) ଉପଲବ୍ଧ କରାଯାଇଛି । ଏତଦ୍‌ବ୍ୟତୀତ କେନ୍ଦୁଝର ଜିଲ୍ଲାରେ ରହିଥିବା ବାହାର ରାଜ୍ୟର ଶ୍ରମଜୀବୀ/ବ୍ୟକ୍ତିବିଶେଷ ନିଜ ନିଜ ରାଜ୍ୟକୁ ଯିବା ପାଇଁ ଚାହୁଁଥିଲେ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ସହାୟତା କେନ୍ଦ୍ରରେ ପୂର୍ବାହ୍ନ ୧୦ ଘଟିକା ସମୟରୁ ଅପରାହ୍ନ ୦୫ ଘଟିକା ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଆବଶ୍ୟକୀୟ କାଗଜାତ୍ ସହ ଆବେଦନ କରିପାରିବେ ବୋଲି ସୂଚନା ଦେଇଛନ୍ତି ।

ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଦ୍ୱାରା କଟକ ଓ ଭୁବନେଶ୍ୱରରେ ମୋବାଇଲ ଏଟିଏମ୍ ସେବା ପ୍ରଦାନ

ଭୁବନେଶ୍ୱର: ସମଗ୍ର ବିଶ୍ୱକୁ ବ୍ୟତିବ୍ୟସ୍ତ କରିସାରିଥିବା ମହାମାରୀ କରୋନା ଠାରୁ ଭାରତକୁ ସୁରକ୍ଷା ଦେବା ଲାଗି ଭାରତ ସରକାର ସାରା ଦେଶରେ ଲକଡ଼ାଉନ୍ ପ୍ରକ୍ରିୟା କାର୍ଯ୍ୟକାରୀ କରୁଥିବା ସମୟରେ ଦେଶର ଅଗ୍ରଣୀ ବ୍ୟାଙ୍କ ଏଚ୍‌ଡ଼ିଏଫ୍‌ସି ଗ୍ରାହକ ମାନଙ୍କୁ ସହୟତା କରିବାର ଲକ୍ଷ୍ୟ ରଖି ମୋବାଇଲ୍ ଏଟିଏମ୍ ସେବା ଆରମ୍ଭ କରିଛି । ଗ୍ରାହକମାନେ ଏହି ଲକଡ଼ାଉନ ସମୟରେ ବାହରକୁ ନଯାଇ କିପରି ଘର ପାଖରେ ନିଜର ଅବଶ୍ୟକତା ଅନୁଯାଇ କ୍ୟାସ୍ ଉଠାଇ ପାରିବେ ତାହାହିଁ ଏହି ସେବାର ମୁଖ୍ୟ ଲକ୍ଷ୍ୟ । ଲୋକାଲ ମ୍ୟୁନସିପାଲଟି ସହ ଆଲୋଚନା କରି ବ୍ୟାଙ୍କ ଦ୍ୱାରା ରାଜ୍ୟର ଦୁଇଟି ବଡ଼ ସହର ଭୁବନେଶ୍ୱର ଏବଂ କଟକ ମଧ୍ୟରେ ବିକଳ୍ପ ଦିନ ମାନଙ୍କରେ ସହରର ୩-୪ଗୋଟି ସ୍ଥାନ ମାନଙ୍କରେ ସଖାଳ୧୦ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ସେବା ଯୋଗାଇବ ।

ଏହି ମୋବାଇଲ୍ ଏଟିଏମ୍‌କୁ ଭୁବନେଶ୍ୱର ମହାନଗର ନିଗମକୁ ପରିକ୍ଷା ପାଇଁ ଅଣାଯାଇଥିଲା ଯେଉଁଠାରେ ଏହାର ପରିକ୍ଷଣ ସଫଳ ହୋଇଛି ବୋଲି ଭୁବନେଶ୍ୱର ମହାନଗର ନିଗମର କମିଶନର ଶ୍ରୀ ପ୍ରେମ ଚନ୍ଦ୍ର ଚୌଦରି କହିଛନ୍ତି । ସମସ୍ତ ପ୍ରକାରର ସାବଦାନତା ଓ ଗ୍ରାହକ ମାନଙ୍କ ମଧ୍ୟରେ ଦୂରତା ବଜାୟ ରଖି ଏବଂ ଭଲ ରୁପେ ଜୀବାଣୁମୁକ୍ତ କରି ଏହି ମୋବାଇଲ ଏଟିଏମ୍‌କୁ ବ୍ୟବହାର କରାଯିବ । ଏହି କଠିନ ସମୟରେ ଆମେ ସମସ୍ତଙ୍କୁ "ଘରେ ରୁହନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ"ର ବାର୍ତା ଦେବା ସହ ଗ୍ରାହକ ମାନଙ୍କୁ ସୁବିଧା ଯୋଗାଇବାର ଲକ୍ଷ୍ୟ ରଖି ଏହି ସେବା ଆରମ୍ଭ କରିଛୁ ବୋଲି ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ବ୍ୟାଙ୍କ ଶାଖା ପରିଚାଳକ ମୁଖ୍ୟ ଶ୍ରୀଯୁକ୍ତ ସନ୍ଦିପ କୁମାର କହିଛନ୍ତି । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓଡ଼ିଶା ସହ ଏହି ସେବା ମୁମ୍ବାଇ, ନୂଆ ଦିଲ୍ଲୀ, ଆଲ୍ଲାହବାଦ, କୋଇମ୍ବାଟୁର, ଚଣ୍ଡିଗଡ଼, ଚେନ୍ନାଇ, ପୁଣେ ଏବଂ ହାଇଦ୍ରାବାଦ ଆଦିରେ ଆରମ୍ଭ କରିଛି ।

କେନ୍ଦୁଝର : ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ଅବସର ଗ୍ରହଣ

କେନ୍ଦୁଝର (ପିଏନ)-କେନ୍ଦୁଝର ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟରେ ହେଲ୍‌ପର ଭାବେ କାର୍ଯ୍ୟ କରୁଥିବା ବିପିନ୍ ବିହାରୀ ମନ୍ତ୍ରୀ ତା ୩୦.୦୪.୨୦୨୦ରିଖ ଦିନ ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଞ୍ଜିବ ବାରିକ ଶ୍ରୀ ମନ୍ତ୍ରୀଙ୍କୁ ପ୍ରୋଭିଜନାଲ୍ ପେନସନ ଅର୍ଡର ପ୍ରଦାନ କରିଥିଲେ । ସାମାଜିକ ଦୂରତା ଅବଲମ୍ବନ କରି କାର୍ଯ୍ୟାଳୟ ତରଫରୁ ଶ୍ରୀ ବିପିନ ବିହାରୀ ମନ୍ତ୍ରୀଙ୍କୁ ଉପଢୌକନ ସହ ଫୁଲତୋଡା ଅର୍ପଣ କରାଯାଇଥିଲା । ସୂଚନାଯୋଗ୍ୟ ଯେ ଶ୍ରୀ ମନ୍ତ୍ରୀ ୧୯୮୭ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ସରକାରୀ ସେବାରେ ଯୋଗଦେଇଥିଲେ । ଦୀର୍ଘ ୩୨ ବର୍ଷ ୭ ମାସ ୨୦ ଦିନର ସେବା ଜୀବନରେ ନିଜର କର୍ତବ୍ୟନିଷ୍ଠା, ସଚ୍ଚୋଟପଣିଆ ଓ ଅମାୟିକ ବ୍ୟବହାର ବଳରେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଶ୍ରୀ ମନ୍ତ୍ରୀଙ୍କର କାର୍ଯ୍ୟାବଳୀ ଏବଂ ନିଜ କର୍ତବ୍ୟ ପ୍ରତି ନିଷ୍ଠା ପାଇଁ କାର୍ଯ୍ୟାଳୟ ତରଫରୁ ଶ୍ରୀ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହିତ ତାଙ୍କର ଅବସରକାଳୀନ ଜୀବନ ସୁଖମୟ ହେଉ ବୋଲି କାମନା କରାଯାଇଥିଲା ।

ଓଡ଼ିଶାରେ କୋଭିଡ୍-୧୯ ମୁକାବଲା ଲାଗି ଏବିଏଫ୍‌ଆର୍‌ଏଲ୍‌ର ମହତ୍ ପଦକ୍ଷେପ

୨.୫ ଲକ୍ଷ ମାସ୍କ ସହିତ ଓଡ଼ିଶା ସରକାରଙ୍କୁ ସହାୟତା

ଭୁବନେଶ୍ୱର:କୋଭିଡ୍-୧୯ ବିଶ୍ୱ ମହାକାରୀର ମୁକାବିଲା ଲାଗି ସାରା ଦୁନିଆ ଲଢ଼େଇ କରୁଥିବା ବେଳେ ଏହି ମହତ୍ୱପୂର୍ଣ୍ଣ ସମୟରେ ସମାଜ ପ୍ରତି ଦାୟିତ୍ୱବୋଧତାର ଅଂଶ ସ୍ୱରୂପ ଆଦିତ୍ୟ ବିର୍ଲା ଗ୍ରୁପ୍ କଂପାନି, ଆଦିତ୍ୟ ବିର୍ଲା ଫେସନ ଆଣ୍ଡ୍ ରିଟେଲ୍ ଲିମିଟେଡ୍ (ଏବିଏଫ୍‌ଆର୍‌ଏଲ୍)ର ଭୁବନେଶ୍ୱର ୟୁନିଟ୍ ଆଗେଇ ଆସି ଏହାର ମୁକାବିଲା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି ।

ଏହା ଏପର୍ଯ୍ୟନ୍ତ ୨.୫ ଲକ୍ଷରୁ ଅଧିକ ମାସ୍କ ଉତ୍ପାଦନ କରିବା ଲାଗି ସରକାରଙ୍କୁ ସହଯୋଗ ପ୍ରଦାନ କରିଛି ଯାହାକୁ ଡାକ୍ତର, ନର୍ସ, ପୋଲିସ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମୀଙ୍କ ଭଳି କୋଭିଡ୍-୧୯ ଯୋଦ୍ଧାମାନେ ବିଶେଷ ଭାବେ ବ୍ୟବହାର କରୁଛନ୍ତି ।

ଏହି ଅଭିଯାନ ସମ୍ପର୍କରେ ଏବିଏଫ୍‌ଆର୍‌ଏଲ୍, ଭୁବନେଶ୍ୱର ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ରାହୁଲ ଜିନ୍ଦଲ କହିଛନ୍ତି ଯେ, "ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବେ ଆମେ ସମାଜକୁ ଫେରସ୍ତ କରିବା ଉପରେ ବିଶ୍ୱାସ କରୁ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ସରକାର ଓ ଓଡ଼ିଶାର ଲୋକମାନଙ୍କ ସହ ଠିଆ ହୋଇଛୁ । ଆମେ ବର୍ତମାନ ସୁଦ୍ଧା ୨.୫ ଲକ୍ଷ ଫେସ୍ ମାସ୍କ ଉତ୍ପାଦନ କରିଛୁ ଏବଂ ଆଗାମୀ ଭବିଷ୍ୟତରେ ୫ ଲକ୍ଷ ଫେସ୍ ମାସ୍କ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ । ଦେଶ ପ୍ରତି ସେବା ପ୍ରଦାନ କରିବାରେ ଜୀବନକାଳରେ ଏକ ସୁଯୋଗ ଭାବେ ଏହାକୁ ଗ୍ରହଣ କରି ଏହି ମହତ କାର୍ଯ୍ୟରେ ଆମର କର୍ମଚାରୀମାନେ ସ୍ୱେଚ୍ଛାସେବୀ ଭାବେ ନିଜକୁ ନିୟୋଜିତ କରିଛନ୍ତି ।''

ୟୁନିଟ୍‌ର ଏଚ୍‌ଆର୍ ମୁଖ୍ୟ ଶ୍ରୀଯୁକ୍ତ ବ୍ରଜବିଧୁ ଛାଟୋଇ କହିଛନ୍ତି ଯେ, "ଆମେ ଦୈନିକ ୧୫,୦୦୦ ମାସ୍କ ଉତ୍ପାଦନ କରୁଛୁ ଏବଂ ଖୁବ୍‌ଶୀଘ୍ର ଆମେ ୫ ଲକ୍ଷ ମାସ୍କ ଉତ୍ପାଦନ କରିବାର ଲକ୍ଷ୍ୟ ପୂରଣ କରିବୁ । ଆମେ କାର୍ଯ୍ୟ କରୁଥିବା ବେଳେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍-୧୯ ନିର୍ଦ୍ଦେଶାବଳୀ ଯଥା ଉପଯୁକ୍ତ ସାମାଜିକ ଦୂରତ୍ୱ , ପରିମଳ ଏବଂ ଅନ୍ୟାନ୍ୟ ନିୟମ କୁ ନିଷ୍ଠାର ସହ ପାଳନ କରୁଛୁ ।

ଆତସୁଶି ଓଗାଟା ହେବେ ହୋଣ୍ଡା ୨ହ୍ୱିଲର୍ସ ଇଣ୍ଡିଆର ନୂଆ ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର: ହୋଣ୍ଡା ମୋଟର କଂପାନି ପକ୍ଷରୁ ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ)ର ବରିଷ୍ଠ ପରିଚାଳନା କର୍ତୃପକ୍ଷରେ ପରିବର୍ତନ ଅଣାଯାଇଛି । ଶ୍ରୀଯୁକ୍ତ ଆତସୁଶି ଓଗାଟାଙ୍କୁ ଏଚ୍‌ଏମ୍‌ଏସ୍‌ଆଇର ନୂଆ ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବେ । ସେ ହୋଣ୍ଡା ମୋଟର କଂପାନି, ଜାପାନର ଅପରେଟିଂ ଏକ୍‌ଜିକ୍ୟୁଟିଭ୍ ଭାବେ ମଧ୍ୟ କାର୍ଯ୍ୟ କରିବେ । ଏଚ୍‌ଏସ୍‌ଏସ୍‌ଆଇକୁ ଦୀର୍ଘ ତିନି ବର୍ଷ ପର୍ଯ୍ୟନ୍ତ ମାର୍ଗଦର୍ଶନ କରିଥିବା ଶ୍ରୀଯୁକ୍ତ ମିନୁରୋ କାଟୋଙ୍କ ଉତରାଧିକାରୀ ଭାବେ ସେ କାର୍ଯ୍ୟ କରିବେ । ଶ୍ରୀଯୁକ୍ତ କାଟୋ ୨୦୨୦ ମେ' ୧ରୁ ଜାପାନା ଫେରିଯିବେ । ସେଠାରେ ତାଙ୍କୁ ହୋଣ୍ଡା ମୋଟର କଂପାନି ଅପରେଟିଂ ଏକ୍‌ଜିକ୍ୟୁଟିଭ୍ ଓ ଚିଫ୍ ଅଫିସର ଲାଇଫ୍ କ୍ରିଏସନ୍ ଅପରେସନ୍ ଭାବେ ନିଯୁକ୍ତ କରାଯାଇଛି ।୧୯୬୨ରେ ଜନ୍ମ ହୋଇଥିବା ଶ୍ରୀ ଓଗାଟା ୧୯୮୫ରେ ହୋଣ୍ଡା ଜାପାନରୁ ନିଜର କ୍ୟାରିଅର ଆରମ୍ଭ କରିଥିଲେ । ୨୦୦୦ ମସିହାରେ ସେ ହୋଣ୍ଡା ମୋଟର ୟୁରୋପ ଲିମିଟେଡ୍‌ର ମୋଟରସାଇକଲ୍ ବିକ୍ରି ଡିଭିଜନ୍‌ର ମହାପ୍ରବନ୍ଧକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସେ ଜର୍ମାନି ଓ ଫ୍ରାନ୍ସରେ ଦୀର୍ଘ ୬ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ପରବର୍ତୀ ୯ ବର୍ଷ (୨୦୦୬-୨୦୧୫) ପର୍ଯ୍ୟନ୍ତ ସେ ଚୀନ୍‌ରେ ଥିବା ହୋଣ୍ଡାର ଦୁଇ ଯୌଥ ଉଦ୍ୟୋଗର ଦାୟିତ୍ୱ ନେଇଥିଲେ । ୨୦୧୫ରେ ସେ ଜାପାନାକୁ ଫେରି ମୋଟରସାଇକଲ୍ ଅପରେସନ୍ ଅଫିସର ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରିଥିଲେ । ୨୦୧୮ରେ ଥାଇଲାଣ୍ଡରେ ଏସିଆନ ହୋଣ୍ଡା ମୋଟର କଂପାନି ଲିମିଟେଡ୍‌ରେ କାର୍ଯ୍ୟ କରିଥିଲେ । ୨୦୧୯ ସୁଦ୍ଧା ସେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦକୁ ପଦୋନ୍ନତି ପାଇଥିଲେ । ହୋଣ୍ଡା ପାଇଁ ୟୁରୋପ, ଜାପାନ, ଚୀନ, ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଦୀର୍ଘ ୩୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଶ୍ରୀ ଓଗାଟା ଏଚ୍‌ଏମ୍‌ଏସ୍‌ଆଇର ନୂଆ ସଭାପତି, ସିଇଓ ଓ ଏମ୍‌ଡି ଭାବେ ଯୋଗ ଦେବେ ।୨୦ ବର୍ଷରେ ପଦାର୍ପଣ କରିଥିବା ହୋଣ୍ଡା ୨ହ୍ୱିଲର୍ସ ଇଣ୍ଡିଆ ପକ୍ଷରୁ ଜିଭିପି ଓ ନିର୍ଦ୍ଦେଶକ-ମାନୁଫାକ୍‌ଚରିଂ ଭାବେ କାର୍ଯ୍ୟ କରୁଥିବା ଶ୍ରୀଯୁକ୍ତ ଭି ଶ୍ରୀଧରଙ୍କୁ ବରିଷ୍ଠ ନିର୍ଦ୍ଦେଶକ-ପରଚେଜ୍ ଭାବେ ପଦୋନ୍ନତି ଦିଆଯାଇଛି । ଶ୍ରୀଯୁକ୍ତ ୟଦବିନ୍ଦର ସିଂହ ଗୁଲେରିଆ ଓ ଶ୍ରୀଯୁକ୍ତ ବିନୟ ଢ଼ିଙ୍ଗରାଙ୍କୁ ନିର୍ଦ୍ଦେଶକ ଭାବେ ଏଚ୍‌ଏମ୍‌ଏସ୍‌ଆଇ ବୋର୍ଡକୁ ମନୋନୀତ କରାଯାଇଛି । ଶ୍ରୀଯୁକ୍ତ ଗୁଲେରିଆ ନିର୍ଦ୍ଦେଶକ ଭାବେ କଂପାନିର ଗ୍ରାହକ ସେବା, ଲଜିଷ୍ଟିକ୍ ପ୍ଲାନିଂ ଆଣ୍ଡ୍ କଂଟ୍ରୋଲ, ପ୍ରିମିୟମ୍ ମୋଟରସାଇକଲ୍ କାରବାର, ବ୍ରାଣ୍ଡ ଓ କମ୍ୟୁନିକେସନର ଦେଖାଶୁଣା କରିବେ । ଏହା ପୂର୍ବରୁ ସେ କଂପାନିର ବରିଷ୍ଠ ଉପସଭାପତି-ବିକ୍ରି ଓ ମାର୍କେଟିଂ ଭାବେ କାର୍ଯ୍ୟ କରୁଥିଲେ । ସେହିପରି ଶ୍ରୟୁକ୍ତ ବିନୟ ଢ଼ିଙ୍ଗରା ଷ୍ଟ୍ରାଟେଜିଂ ଇନଫର୍ମେସନ ସିଷ୍ଟମ (ଏସଆଇଏସ୍), ସାଧାରଣ ଓ କର୍ପୋରେଟ୍ ବ୍ୟାପାର କ୍ଷେତ୍ରର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ । ଏହା ପୂର୍ବରୁ ସେ ବରିଷ୍ଠ ଉପସଭାପତି-ଜେନେରାଲ୍ ଆଣ୍ଡ୍ କର୍ପୋରେଟ୍ ଆଫେୟାର୍ସ ଭାବେ କାର୍ଯ୍ୟ କରୁଥିଲେ । କଂପାନିର ନିଜର କାର୍ଯ୍ୟକାଳ ଶେଷ କରିବା ପରେ ଦୁଇ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅନୁପମ ମହିନ୍ଦ୍ରୁ (ନିର୍ଦ୍ଦେଶକ-ପରଚେଜ୍) ଓ ଶ୍ରୀଯୁକ୍ତ ହରଭଜନ ସିଂହ (ନିର୍ଦ୍ଦେଶକ-ଜେନେରାଲ୍ ଆଣ୍ଡ୍ କର୍ପୋରେଟ୍ ଆଫେୟାର୍ସ) ଅବସର ଗ୍ରହଣ କରିଛନ୍ତି ।

କୋଭିଡ୍-୧୯ ବିରୋଧୀ ଲଢ଼େଇ ପାଇଁ ଏସବିଆଇ ଫାଉଣ୍ଡେସନର ବିଭିନ୍ନ ପଦକ୍ଷେପ ଘୋଷଣା

ଭୁବନେଶ୍ୱର: ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସିଏସ୍‌ଆର୍ ଶାଖା ଏସବିଆଇ ଫାଉଣ୍ଡେସନ ପକ୍ଷରୁ କୋଭିଡ୍-୧୯ ମୁକାବିଲା ଲାଗି ବିଭିନ୍ନ ପ୍ରକାର ପଦକ୍ଷେପକୁ ସାରା ଦେଶରେ କାର୍ଯ୍ୟକାରୀ କରାଯାଇଛି । ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମଗୁଡ଼ିକୁ ଲାଗୁ କାରିବା ଲାଗି ଏହା ୩୦ କୋଟି ଟଙ୍କାର ପ୍ରତିବଦ୍ଧତା ବିଷୟରେ ଘୋଷଣା କରିଛି । ଏହା ଖାଦ୍ୟ ରିଲିଫ୍ ସହାୟତା, ସ୍ୱାସ୍ଥ୍ୟ ସେବା ଭିତିଭୂମିକୁ ସୁଦୃଢ଼ କରିବା, ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବଢ଼ାଇବ ଏବଂ ଆଇଆଇଏସ୍‌ସି ସହ ସହଯୋଗିତା ସ୍ଥାପନ କରି କୋଭିଡ୍ ସମ୍ପର୍କିତ ପ୍ରକଳ୍ପ ପାଇଁ ଗବେଷଣା କରିବା ଲାଗି ଏହା ଯୋଜନା ପ୍ରସ୍ତୁତ କରିଛି ।

ଏହି ସବୁ କାର୍ଯ୍ୟକ୍ରମ ଲାଗୁ କରିବା ଲାଗି ଏସବିଆଇ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଉପରେ ନୂଆ ପ୍ରମୁଖ କାର୍ଯ୍ୟକ୍ରମ ସ୍ଥାପନ କରାଯାଇଛି । ହସ୍ପିଟାଲ୍‌ଗୁଡ଼ିକୁ ଭେଂଟିଲେଟର, ପିପିଇ ବିତରଣ କରିବା ଏବଂ ଦେଶର ୪ଟି କେନ୍ଦ୍ରରେ ଦୈନିକ ୧୦,୦୦୦ ରୋଷେଇ ହୋଇଥିବା ସତେଜ ଭୋଜନ ପ୍ରଦାନ କରିବା କାର୍ଯ୍ୟ ଆରମ୍ଭ କରାଯାଇଛି । ଇକୋ ଇଣ୍ଡିଆ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହଯୋଗିତାରେ ଏସବିଆଇ ପକ୍ଷରୁ ଇକୋ ଇଣ୍ଡିଆ ପ୍ରକଳ୍ପ ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ଏସବିଆଇ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ରାଜ୍ୟର ୫୦୦୦୦ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ଓ ନିରୀକ୍ଷଣ ପ୍ରଦାନ କରାଯିବ । ୟୁଏସ୍‌ଆଇଡି ସହଯୋଗିତାରେ ଇଣ୍ଡିଆ କୋଭିଡ୍-୧୯ ହେଲ୍‌ଥକେୟାର ଆଲାଏନ୍ସ (ଆଇସିଏଚ୍‌ଏ) କାର୍ଯ୍ୟକ୍ରମ ସ୍ଥାପନ କରାଯାଇଛି । ଏହାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗିତାରେ କାର୍ଯ୍ୟକାରୀ କରାଯିବ ।

ଏହି ଅବସରରେ ଏସବିଆଇର ଅଧ୍ୟକ୍ଷ ଶ୍ରୀଯୁକ୍ତ ରଜନୀଶ କୁମାର କହିଛନ୍ତି ଯେ, "ଏସ୍‌ବିଆଇରେ ଆମେ ସବୁ ବେଳେ ସମାଜ ଏବଂ ଦେଶକୁ ଫେରସ୍ତ କରିବା ଉପରେ ବିଶ୍ୱାସ କରୁ ।

ଜନଜାଗରଣର ବିଜୟ ଧ୍ୱଜା-ଗଣମାଧ୍ୟମ

ଡ଼ି ଶୁଭମ୍

ଆକାଶ ଅସୀମ, ସଂଗ୍ରାମ ସୀମାହୀନ, ପରିବ୍ୟାପ୍ତ ଏ ସଂଗ୍ରାମର କ୍ଷେତ୍ର। ଶେଷ ହୁଏନି ସଂଗ୍ରାମର ଯାତ୍ରା। ସେହି ସଂଗ୍ରାମର ସାଥି ହୋଇ ସିଏ ଅନୁଭବକୁ ବାସ୍ତବରେ ରୂପାନ୍ତରିତ କରେ, ସ୍ୱର୍ଶର ସ୍ୱର୍ଶକାର ଆଉ ଅନୁଭବର ଅନୁଭବୀଟିଏ, ଯିଏ ଅସ୍ତ୍ର ସାଜି ସମାଜକୁ ରକ୍ଷାକରେ, ପଲ୍ଲୀରୁ ପାର୍ଲ୍ୟାମେଣ୍ଟ ଯାଏଁ ରୋଚ୍‌କ ତଥ୍ୟର ମେସେଞ୍ଜର ସାଜେ, ସେ ବନ୍ଧୁକର ଗୁଳିଠାରୁ ବି ଅଧିକ ଶକ୍ତିଶାଳୀ, ଯିଏ ଯେକୌଣସି ବୁଲେଟ ପ୍ରୁଫ୍‌କୁ ବି ଭେଦ କରି ଯାଇପାରେ। ଜୀବନ ଯମୁନାରେ ସେ ନିଥର ଆଉ ନିର୍ଧାର୍ଯ୍ୟ ସଂଜ୍ଞାରେ ସଂଜ୍ଞାୟିତ- ସେ କେହି ନୁହେଁ, ସେ ଗଣମାଧ୍ୟମ। ସକାଳର ଚ଼ା'କପ ସାଙ୍ଗକୁ ଖବରକାଗଜଟିଏ ନଥିଲେ ଯୋଡି ଜମେନା, ସକାଳର କପ୍ ଯେମିତି ଖବରକାଗଜର ଖବରକୁ ଅନେଇ ବସିଥାଏ, ସେମିତି ଏକ ଅଦମ୍ୟ ସାହସର ନିର୍ଭୁଲ ଅଭିଲିପି ହେଉଛି ଗଣମାଧ୍ୟମ। ଗଣମାଧ୍ୟମ- ଯିଏ ରୋମ ସାମ୍ରାଜ୍ୟର କ୍ଲିଓପାଟ୍ରା ଠାରୁ ବି ଅଧିକ ଶକ୍ତିଶାଳୀ। ଯିଏ ସମାଜରୁ ବୃତାସ ରୂପୀ ରାକ୍ଷସଙ୍କୁ ଧ୍ୱଂସ କରିବାର ସାମର୍ଥ୍ୟ ଥାଏ। ଯାହା ଉପରେ ନିର୍ଭର କରେ ସଭ୍ୟତାର ଉତ୍‌ଥାନ ଓ ପତନ ଏବଂ ଯିଏ ମହାସାଗରର ଅନ୍ତର୍ଦ୍ଦେଶରୁ ଆରମ୍ଭ କରି ଖେଳପଡିଆ ଯାଏଁ ସମସ୍ତ ଖବରକୁ ନିଚ୍ଛକ ରୂପେ ଉପସ୍ଥାପନ କରେ ସେ ଗଣମାଧ୍ୟମ। ତାପାଇଁ ସାରୁ ଗଛ ମୂଳରୁ ବେଙ୍ଗୁଲୀରାଣୀର କାହାଣୀ ଶୁଭେ। ଆଉ ସିଏ ଢେଙ୍କାନାଳରୁ ଡିଙ୍କିଶାଳ ଯାଏଁ ବି ଖବର ଯୋଗାଏ। ଶତାବ୍ଦୀର ଆରମ୍ଭରୁ ଅନ୍ତ ଯାଏଁ ସେ ସମାଜର ମଙ୍ଗୁଆଳ ସାଜେ ଜନତାଙ୍କ ସେବାରେ ସେ ହିଁ ଗଣମାଧ୍ୟମ। ପଲ୍ଲୀରୁ ପାର୍ଲାମେଣ୍ଟ, ପଞ୍ଚାୟତରୁ ପୋଲିସ, ଛାତ୍ର ଠୁ ପ୍ରଫେସର ଆଉ ପୁରପଲ୍ଲୀର ପୁରାଙ୍ଗନା ଠାରୁ ରାଜରାସ୍ତାର ବିଳାସିନୀ ଯାଏଁ ଏହା ସାଜିଛି ସମ୍ପ୍ରତି ସମାଜର ଅଭିନ୍ନ ବେଦ।

ଏକବିଂଶ ଶତାବ୍ଦୀ - ଯାହା ସମୟର ମୂଲ୍ୟ କ'ଣ ହୃଦବୋଧ କରେ। ଏଠି ପ୍ରତି ସେକେଣ୍ଡର ମୂଲ୍ୟ ବି ବହୁ ଗୁରୁତ୍ୱପୂର୍ଣ୍ଣ। ଟଙ୍କା ଆଜିର ଦୁନିଆର ଏକ ପୁଷ୍ଟିଦାୟକ ସାର, ଯାହାର ଗଛ ଦୁର୍ନୀତି ସାର ଦିଆଯାଉଛି ତତ୍‌ସହିତ ଗଛ ବି ବଢ଼ିଚାଲୁଛି ଏଥିରେ ହେଳା ନାହିଁ। ଲୋକେ ସମ୍ବାଦପତ୍ର ପଢୁଛନ୍ତି, ଖବର ପାଉଛନ୍ତି, ସବୁଦିନ ବିଦ୍ୟାଳୟର ପ୍ରାଥନା କ୍ଲାସ ସରିବା ପରେ ଖବର କାଗଜ ପଢ଼ାଯାଏ। କିନ୍ତୁ ଖବର ସଂଗ୍ରହ କରୁଥିବା ଜନତାର ପ୍ରତିନିଧି ସାଜୁଥିବା ଏହି ଗଣମାଧ୍ୟମ ପ୍ରତିନିଧି ମାନଙ୍କ କଥା କିଏ କ'ଣ କେବେ ଚ଼ିନ୍ତା କରେ? ଜମା ନାହିଁ, ଲୋକଙ୍କ ଭାବନା ଏଇଆ କି ପ୍ରତିନିଧି ତ କିଏ ଗୋଟେ ଅଛି ଆଉ ସେ ତ ଖବର ସଂଗ୍ରହ କରିବ ଆଉ ଆମେ ପଢିବା ଲୋକ ପଢିବା, ବାକି କଥା ଆମେ କାହିଁ ବୁଝିବା ଯେ? ଆପେ ବଂଚିଲେ ବାପରନାଁ। ଏହା କହିବାକୁ କଷ୍ଟ ହେଲେ ବି ଅପ୍ରିୟ ସତ। ଏହା ଗ୍ରହଣ କରିବାକୁ ଆମେ ବାଧ୍ୟ।

ଦୁଃଖର ବିଷୟ ଏହାକି ସରକାରଙ୍କ ତରଫରୁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୁରକ୍ଷା ଦେବାପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା କରାଗଲା ନାହିଁ। ଯେଉଁ କଲମ ଦିନେ ସାରାଦୁନିଆକୁ ହୁଲୁସ୍ଥୁଲ କରିଦେବାର ସାହସ ଜୁଟେଇଥିଲା, ଆଜି ସେ କଲମର ମୁନ ଭାଙ୍ଗିବାକୁ ବସିଲାଣି। ସତରେ କ'ଣ ଏହା ଆମ ଗଣତନ୍ତ୍ରର ସଫଳ ଫର୍ଦ୍ଦ? ସ୍ୱାଧୀନତାର ଏତେ ବର୍ଷ ବିତିଗଲା ସତ ହେଲେ ସ୍ୱାଧୀନତାର ସ୍ୱାଦ ଚ଼ାଖିବା ଆଜିବି କାଠିକର ପାଠ ହୋଇଗଲା। ଆମର ସରକାର ପ୍ରତ୍ୟକ୍ଷ ସରକାର। ନିର୍ବାଚ଼ନ ଲୋକମାନଙ୍କର ଶାସନକୁ ବୁଝାଏ। ଆମର ଭୋଟ, ଆମ ସରକାର। ଯେଉଁ ପ୍ରତିନିଧିମାନେ ଗଣମାଧ୍ୟମର ଆଧାର, ସେମାନେ ବି ଜଣେ ଜଣେ ମଣିଷ, ସେମାନେ ବି ଭୋଟର ଆଉ ସେମାନଙ୍କର ବି ଶାସନ। ତେବେ ଯଦି ଜଣେ ନିଚ୍ଛକ ଓ ସତ୍ୟ ଖବର ପରିପ୍ରକାଶ କରୁଛି, ତେବେ ଏଥିରେ ଏତେ ବିରୋଧ କ'ଣ ପାଇଁ? ଆଉ ତା'ଉପରେ ପୁଣି ଗାଳି ଗୁଲଜ ଆଉ ଧମକପୂର୍ଣ୍ଣ ମନ୍ତବ୍ୟ। ଏଇଥିପାଇଁ କ'ଣ ଜଣେ କଲମ ଧରିବାକୁ ପ୍ରତିଜ୍ଞା କରିଥିଲା? ଏଇଥିପାଇଁ କ'ଣ ଜଣେ ଗଣତନ୍ତ୍ରର ପ୍ରହରୀ ବୋଲି କୁହାଯାଉଥିଲା?

ଏବେ ସମୟ ବଦଳିଲାଣି, ଆମକୁ ବି ବଦଳିବାକୁ ପଡିବ। ଖଣ୍ଡା ବନ୍ଧୁକକୁ ଏବେ ବିଦାୟ ଦେବାର ସମୟ। ଏବେ କଲମର ମୁନକୁ ଶକ୍ତିଶାଳୀ କରିବାର ବେଳ। କଲମ ଶକ୍ତିଶାଳୀ କଲେ, ଦେଶ ପ୍ରଗତିଶୀଳ ହେବ। ଦୁର୍ନୀତିଖୋର ଲୋକଙ୍କ ବିଲୋପ ଘଟିବ। ଖାରବେଳ ଆଉ ଅଶୋକଙ୍କ ଶାସନରେ ଶାସିତ ଆମେ, ଆମେ ଡରିବା ଶିଖିନୁ।

ଖାଦ୍ୟ ପାଇଁ ଏକଦା ପାଗଳ ପ୍ରାୟ ହୋଇଉଠୁଥିବା ବିଳାସୀ ମଣିଷ ଆଜି ସୁଉଚ୍ଚ ଅଟ୍ଟାଳିକାରେ ଅବସ୍ଥାନ କରି ଅନ୍ତରୀକ୍ଷ ଆଡେ ଦୃଷ୍ଟିପାତ କରୁଛି। ତ୍ରିକାଳଜ୍ଞଙ୍କପରି ଅତୀତକୁ ମାପି ପାରୁଛି। ଶେଷ ପାଣ୍ଡବ ସହଦେବଙ୍କ ପରି ନିଜ ଭବିଷ୍ୟତ ଗଣନା ବି କରିପାରୁଛି। ଏହାରି ଭିତରୁ ଉଦ୍ଭୁତ ହୋଇଛି ଆଧୁନିକ ମଣିଷର ଐକାନ୍ତିକ ଆବଶ୍ୟକତା- ଗଣମାଧ୍ୟମ ନିଜ ଜିଜ୍ଞାସୁକୁ ଚ଼ରିତାର୍ଥ କରିବା ପାଇଁ ମଣିଷ ଆଉ ପାଦେ ଆଗେଇ ଯାଇଛି। ସାଧାରଣ ଜନତାଙ୍କ ପାଇଁ କିଛି କହିବାର ସ୍ୱପ୍ନରେ ମତୁଆଲା ହୋଇଛି। ସେଇ ଗଣମାଧ୍ୟମ ହେଉଛି ସାଧାରଣ ଜନତାର ବିଶ୍ୱବିଦ୍ୟାଳୟ।

କହିବା ବାହୁଲ୍ୟ ଏହିଯେ ସତରେ ମନରେ ପ୍ରଶ୍ନ ଉଠେ ଯଦି ଗଣମାଧ୍ୟମ ଜନତାଙ୍କୁ ସୁରକ୍ଷା ଦେବାକୁ ଜାଗ୍ରତ ପ୍ରହରୀ ହୋଇପାରେ ତେବେ ଯଦି ଏଥିରେ ସଚ୍ଚୋଟତା ପ୍ରକାଶ କରାଯାଏ, ତେବେ ଆକ୍ରମଣ କି ପ୍ରତିବାଦ କ'ଣ ପାଇଁ କରାଯାଉଛି? 'ସତ କହିବାକୁ କିଆଁ ଡରିବି' ର ଅର୍ଥ କଣ ଆଜି ନିଷ୍ଫଳ? ଯିଏ ଦିନେ ସମାଜକୁ ରକ୍ଷାକରିବାର ପ୍ରତିଶୃତି ଦେଇଥିଲା ଆଜି ସେ ଖଣ୍ଡାର ଚୋଟ ତଳେ ମୁଣ୍ଡ ରଖିବା କ'ଣ ସାର ହେବ? ବଳିଷ୍ଠ ସମ୍ପାଦକୀୟ ହେଉ କି ସତ୍ୟତାର ପଟୁଆରାକୁ ପ୍ରକାଶ କଲେ କ'ଣ ମୃତ୍ୟୁର ବିଭିଷୀକାକୁ ସାମ୍ନା କରିବାକୁ ପଡିବ?

ଗଣତନ୍ତ୍ରର ଚ଼ତୁର୍ଥ ସ୍ତମ୍ଭ ଗଣମାଧ୍ୟମ। ସାରା ବିଶ୍ୱର ନୈତିକ ଓ ରାଜନୈତିକ ବିବେକ ଗଣମାଧ୍ୟମ। ସତ୍ୟ ସମ୍ବାଦ ପରିବେଷଣ ଏହାର ଧର୍ମ। ଜନତାର ଦୁଃଖକୁ ପ୍ରଶାସନ ପାଖେ ପହଞ୍ଚାଇବାର ଏକ ମାଧ୍ୟମ ଗଣମାଧ୍ୟମ। ଗୁଣ୍ଡୁଚ଼ିମୂଷା ଭାବେ ନିଜର ସବୁ କାର୍ଯ୍ୟକୁ ସୂଚ଼ାରୁ ରୂପେ ସମ୍ପାଦନ କଲେ ବି କଣ ପାଇଁ ଏବେ ଗଣମାଧ୍ୟମର ସୁରକ୍ଷା ନେଇ ପ୍ରଶ୍ନ ଉଠୁଛି? ମନ୍ତ୍ରୀଠୁ ଆରମ୍ଭ କରି ରାଜନେତା, ହରି ଦାସରୁ ଆରମ୍ଭ କରି ହର୍ଷଦ ମେହେଟା ଯାଏଁ ସମସ୍ତଙ୍କ ଅନ୍ୟାୟର ପର୍ଦ୍ଦାଫାସ କରିଦିଏ ଗଣମାଧ୍ୟମ।

ସମାଜ ଓ ସଂସ୍କୃତିର ସମର୍ଥ ସରକାର ଆମ ଗଣମାଧ୍ୟମ। ସମାଜ ଜୀବନର ବହୁବିଧ ଘଟଣାକୁ ଛାତିତଳେ ଚ଼ାପିରଖି ସତ୍ୟ ସମ୍ବାଦ ପରିବେଷଣ କରିବାର ଶକ୍ତି ରଖେ ଗଣମାଧ୍ୟମ। ଜାତୀୟ ପ୍ରେସ ଦିବସ ଆସିଲେ ଗଣମାଧ୍ୟମ ଦିବସ ଆସେ। ଫୁଲତୋଡ଼ା ଆଉ ପ୍ରଶଂସାର କେଇଟା ଶବ୍ଦରେ ଅତିଥି ମାନେ ପୋତିପକାନ୍ତି ଗଣମାଧ୍ୟମ ପ୍ରତିନିଧିଠୁ ଆରମ୍ଭ କରି ଗଣମାଧ୍ୟମ ମାଲିକ ପର୍ଯ୍ୟନ୍ତ। ହେଲେ ସେମାନଙ୍କ ସୁରକ୍ଷା- ସମାଧାନ ନା ପ୍ରଶ୍ନବାଚ଼ୀ ତାହା ଏବେବି ସମସ୍ତଙ୍କ ଚ଼କ୍ଷୁ ଆଢୁଆଳରେ।

ଆକସ୍ମିକ ସମ୍ବାଦ ହେଉ କି ଜନମାନସର ଅଶେଷ ସାଧନ ପାଇଁ ଯେକୌଣସି ସତ୍ୟକୁ ଲୋକ ଲୋଚ଼ନକୁ ଆଣିବାରେ ହେଳା କରିନଥାଏ ଗଣମାଧ୍ୟମ। ଭୂମିକମ୍ପ ହେଉ କି ମୁଦ୍ରାସ୍ଫୀତି, ଦରଦାମର ଅଯଥା ବିପଣନ ହେଉକି ରାଜନୀତି ପାଣି ପାଗର କୁହୁକ କଥା ଏସବୁକୁ ଅତ୍ୟନ୍ତ ନିଚ୍ଛକ ଭାବେ ଉପସ୍ଥାପନ କରେ ଗଣମାଧ୍ୟମ। ମଣିଷ ବିଜ୍ଞାନ ବଳରେ ବଳିୟାନ ହୋଇ ନିତ୍ୟନୂତନ ଗବେଷଣା କରିବାରେ ପ୍ରବୃତ୍ତ ରହିଛି ସତ, ହେଲେ ଏହା ଭିତରେ ଗଣମାଧ୍ୟମ ଯେ ଏମାନଙ୍କୁ ଏକ ନିଆରା ପରିଚ଼ୟ ଦେଇଥାଏ ଏହା ଅସ୍ୱୀକାର କରାଯାଇନପାରେ।

ତେବେ ଯଦି ଗଣମାଧ୍ୟମ ଲୋକଙ୍କ ପାଇଁ ନିଜର ସବୁକିଛି ବଳିଦେଇପାରେ, ତେବେ ସାଧାରଣ ଜନତା ଚ଼ାହିଁଲେ କଣ ସେମାନଙ୍କୁ ସୁରକ୍ଷା ଦେଇପାରିବେନି? ରାଜନୀତିର ଦଳ ନିର୍ବିଶେଷରେ ଯଦି କିଛି ତଥ୍ୟ ଉପସ୍ଥାପନ କରାଗଲା, ତେବେ କଣ ମରଣାନ୍ତକ ଆକ୍ରମଣର ସାମ୍ନା କରିବାକୁ ହେବ? ଯଦି ସମାଜ ଓ ସଂସ୍କୃତି ବୀଣାର ସ୍ୱରତନ୍ତ୍ରୀ ବେସୁରା ହୋଇଯିବ, ଯଦି ସାଧାରଣ ଜନତାର ବିଶ୍ୱବିଦ୍ୟାଳୟ ଦୋହଲି ଯିବ, ତାହେଲେ ସବୁକିଛି ରସାତଳଗାମୀ ହୋଇଯିବ। ଖାଲି ଲୋକ ଦେଖାଣିଆ, କଣ ପାଇଁ ସରକାର ସୁରକ୍ଷା ଦେବାରେ ବିଫଳ ହେଉଛନ୍ତି?? ଯିଏ ଦିନେ ସୁଖରାମଙ୍କ ପରି ଲୋକର ମୁଖ ଖୋଲିଲା ଯଦି ତାକୁ ସୁରକ୍ଷା ଦିଆଯାଇପାରୁନି ତାହେଲେ ସମୟ ଆସିବ ଶହ ଶହ ସୁଖରାମ ଜନ୍ମ ନେବେ ସମାଜରେ। ସେତେବେଳେ ନା ଥିବ ଗଣମାଧ୍ୟମ ନା ଥିବ ରକ୍ଷାକବଚ଼। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଅର୍ଥନୀତି ସବୁ ବିଭାଗରେ ସବୁଦିନ ଖବର ପ୍ରକାଶ କରିବାର ସଚ୍ଚୋଟତା ଥାଏ ଗଣମାଧ୍ୟମ ନିକଟରେ।

ଏ ସମ୍ପର୍କରେ ପଦୁଟିଏ କହିବାକୁ ଚ଼ାହେଁ, ଗଣମାଧ୍ୟମ ପ୍ରତିନିଧି ବି ସଚ୍ଚୋଟତା ଓ ନିର୍ଭିକତା ସହ ଖବର ପ୍ରକାଶନ ସହିତ କୌଣସି ଦଳଗତ ସମ୍ପର୍କ ନ ରଖି ଜନତାର ମଙ୍ଗଳ ଓ ଅଶେଷ ନିର୍ବିଶେଷରେ କାର୍ଯ୍ୟ କଲେ ଜାତିପୁଷ୍ପର ସୁରଭରେ ସୁରଭିତ ହୋଇପାରିବ ଭାରତବର୍ଷ।

ହେ ଗଣମାଧ୍ୟମ.. ପୁଣି ସେ ବିର୍ଜାଫର ଆଉ ସୁଖରାମର ଅନ୍ତ କରିଦିଅ, ସେଇ ବୃତାସ ରୂପୀ ରାକ୍ଷସ ମାନଙ୍କୁ ଖବର ପ୍ରକାଶନ ଦ୍ୱାରା ଧ୍ୱଂସ କରିଦିଅ। ଆଉ ସମାଜରୁ ଦୁର୍ନୀତିର କ୍ଲିଓପାଟ୍ରାକୁ ଶେଷ କରିଦିଅ। ବିଶ୍ୱ ଗଣତନ୍ତ୍ରମୟର ପୃଷ୍ଠରେ ପୁଷ୍ପିତ ହେବ, ଏଥିରେ ସନ୍ଦେହ ନାହିଁ।

**(ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ,
ବାସୁଦେବପୁର, ଭଦ୍ରକ)
ମୋ-
୯୪୩୮୪୬୭୦୭୯**

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray